ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

ଦୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV

ବର୍ଷ-୬ | ସଂଖ୍ୟା-୭୮ | ମଙ୍ଗଳବାର | ୧୦ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-78 | Tuesday | 10 June 2025 | Bhubaneswar | Pages-8 | Rs. 2.00

Follow us: YouTube

ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ: ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡା, ୯।୬ (ହି.ସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରିଛନ୍ତି। ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ ବୋଲି ଘୋଷଣା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ଏବଂ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ। କେନ୍ଦ୍ରାପଡ଼ା ଅଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରାଯିବ। ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ। ଖୁବ୍ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଗୁଡ଼ିକ ଏହି ଜିଲ୍ଲାରେ ଉଦ୍‌ଘାଟନ କରାଯିବ। କେନ୍ଦ୍ରାପଡ଼ାଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା କେନାଲ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହା ସହିତ ଜନ ଶୁଣାଣି, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦିରେ ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଚୋରା ବାଲି ଚାଲାଣ, ଆଇନ ଶୃଙ୍ଖଳା ଓ ସରକାରୀ କର୍ମଚାରୀ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେ ପୁଣି କହିଥିଲେ ଯେ, ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢି ତୋଳିବା ଆମର ଲକ୍ଷ୍ୟ। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ। ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀମାନେ ଯଥାଶୀଘ୍ର ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରନ୍ତୁ। ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। • ପୃଷ୍ଠା ୭ ଦେଖନ୍ତୁ...

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ

ରଥଯାତ୍ରା ସମୟରେ ହେବ ଆମ୍ବୁଲାନ୍ସ କରିଡ଼ର

ପୁରୀ, ୯।୬ (ଡିକେ ନ୍ୟୁଜ): ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡ଼ର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା ହେବ। ସ୍ଥାନୀୟ ଟାଉନହଲଠାରେ ଚଳିତ ବର୍ଷ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକରେ ଏହି ସୂଚନା ଦିଆଯାଇଛି। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ଲାଗି ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକନା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଆଦି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଆଇନ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୁହିକ କାର୍ଯ୍ୟାପାରସ୍ପରିକ ସହଯୋଗ ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ପୁରୀରେ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅଧିକ ସକ୍ରିୟ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡ଼ର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା ହେବ। ରଥଯାତ୍ରାରେ ୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ୨୦ ଲକ୍ଷ ପାଣି ବୋତଲ ଓ ପାଉଚର ବ୍ୟବସ୍ଥା କରାଯାଇଛି। ସହରରେ ୯୦ ପ୍ରତିଶତ ଡ୍ରେନ ସଫେଇ କାମ ସରିଛି। ପ୍ରତ୍ୟେକ ସାହି ଗଳି କନ୍ଦିରେ ରାସ୍ତାଘାଟ ମରାମତି, ମଶା ଧୁଆଁ ସ୍ପ୍ରେ, ଷ୍ଟ୍ରିଟ୍ ଲାଇଟ୍ ମରାମତି ବ୍ୟବସ୍ଥା କରିବାକୁ ଆଇନ ମନ୍ତ୍ରୀ ନର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମଦ୍ୱାର ଦେଇ ପୁରୀବାସୀଙ୍କୁ ଛାଡ଼ିବା ଓ ଗୁଣ୍ଡିଚା ମନ୍ଦିରରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ପୁରୀ ବିଧାୟକ ସୁନୀଲ ମହାନ୍ତି ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଢେଙ୍କାନାଳରୁ ୨୧ ଓ ବରଗଡ଼ରୁ ୧୯ ଜଣ ଫାଶୀ କାଠ ଦାନ କରିଛନ୍ତି। ଖୋର୍ଦ୍ଧା ଓ ନୟାଗଡ଼ ବନଖଣ୍ଡ ସହ ରାଜ୍ୟର ୮ଟି ଡିଭିଜନରୁ ଚଳିତ ବର୍ଷ ୮୧୫ ଖଣ୍ଡ କାଠ ଆସିଛି ବୋଲି ନୟାଗଡ଼ ଡିଫଓ ସୂଚନା ଦେଇଥିଲେ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ସହ ୧୪ଟି ବର୍ଷା ଜଳ ଜମି ରହୁଥିବା ସ୍ଥାନରେ ୩୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ମୁତୟନ ରହିବ। ମାଳତୀପାଟପୁରରେ ଟୁରିଷ୍ଟ ବସ ଓ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ ତାଳବଣିଆରେ ପାର୍କିଂ କରିବ। ରଥଯାତ୍ରା ଅବକାଶରେ କୋଭିଡ ପାଇଁ ବ୍ୟସ୍ତ ହେବାର ନାହିଁ। ଲୋ ଭାରିଆଣ୍ଟର କୋଭିଡ ଥିବାରୁ ଏହା ବ୍ୟାପିବାର ଆଶଙ୍କା କମ। ରାଜ୍ୟରେ ସମୁଦାୟ ୪୯ଟି ରୋଗୀ ଚିହ୍ନଟ ହୋଇଥିବା ବେଳେ ମାତ୍ର ୩୪ଟି ଆକ୍ଟିଭ କେସ ରହିଛି ବୋଲି ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା.ମୁକେଶ • ପୃଷ୍ଠା ୭ ଦେଖନ୍ତୁ...

ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୬ (ହି.ସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆଉ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ରହିଥାଏ। ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହୋଇଥାଏ। ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହିତ, ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏପରିକି ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ପକ୍କା ପାଚେରି, କମ୍ପାଉଣ୍ଡ ୱାଲ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ।

ଚଳନ୍ତା ଟ୍ରେନରୁ ଖସି ଚାଲିଗଲା ୫ ଜୀବନ

ମୁମ୍ବାଇ, ୯।୬ (ହି.ସ) : ମୁମ୍ବାଇର ଥାଣେ ଅଞ୍ଚଳରେ ବଡ଼ ଦୁର୍ଘଟଣା। ମୁମ୍ବାଇର ଏବଂ ଦିଭା ରେଲୱେ ଷ୍ଟେସନ ମଧ୍ୟରେ ଚଳନ୍ତା ଟ୍ରେନରୁ ଟ୍ରାକକୁ ଖସି ପଡ଼ିଲେ ଅନେକ ଯାତ୍ରୀ। ଚାଲିଗଲା ୫ ଜଣଙ୍କ ଜୀବନ। ଲୋକାଲ୍ ଟ୍ରେନ୍ ଭିତରେ ପ୍ରବଳ ଭିଡ଼ ଯୋଗୁଁ ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଅନେକ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଣ୍ଟ୍ରାଲ ରେଲୱେର ସୂଚନା ଅନୁଯାୟୀ, ପୁଷ୍ପକ ଲୋକାଲ୍ ଟ୍ରେନ୍ ମୁମ୍ବାଇରୁ ଲକ୍ଷ୍ନୌ ଯାଉଥିଲା। ଏହି ଟ୍ରେନରେ ଯାତ୍ରୀଙ୍କ ଖଚାଖଚ୍ ଭିଡ଼ ହୋଇଥିଲା। ଯେଉଁଥି ପାଇଁ ଯାତ୍ରୀମାନେ ଜାଗା ନପାଇ ଟ୍ରେନର ଡୋର୍ ପାଖରେ ଝୁଲିଥିଲେ। ମୁମ୍ବାଇର ରେଲୱେ ଷ୍ଟେସନ ନିକଟରେ ହଠାତ କିଛି ଯାତ୍ରୀ ଟ୍ରାକକୁ ଖସି ପଡ଼ିଥିଲେ। ଖବର ପାଇ ରେଳବାଇ ପୋଲିସ ଏବଂ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହି ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣା ପରେ ରେଳ ସେବା • ପୃଷ୍ଠା ୭ ଦେଖନ୍ତୁ...

ମହାକାଶରେ ପୁଣି ଉଡ଼ିବ ତ୍ରିରଙ୍ଗା

ମିଶନ୍ ଆକ୍ସିଓମ୍ -୪କୁ ସଫଳ କରିବେ ଶୁଭାଂଶୁ ଶୁକ୍ଳା

ନୂଆଦିଲ୍ଲୀ, ୯।୬ (ହି.ସ): ଇତିହାସ ରଚିବ ଭାରତ। ପୁଣି ଥରେ ମହାକାଶରେ ତ୍ରିରଙ୍ଗା ଉଡ଼ାଇବାକୁ ପ୍ରସ୍ତୁତ ହେଉଛି ଭାରତ। ଏଥର ଏହି ଗୌରବର ବାହକ ହେବେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ମହାକାଶଚାରୀ ଶୁଭାଂଶୁ ଶୁକ୍ଳା। କ'ଣ ମିଶନ୍ ଆକ୍ସିଓମ୍ -୪ ଯାହା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଉଡ଼ାଣ ଭରିବ। ମିଶନ୍ ଆକ୍ସିଓମ୍ -୪ ପରିଚାଳନା ଭାର ଶୁଭାଂଶୁଙ୍କ ହାତରେ ରହିବ। ୪ ଦେଶ,ଏକ ମିଶନ୍- ଆକ୍ସିଓମ୍ ସ୍ପେସର ଚତୁର୍ଥ ମହାକାଶ ମିସନ୍ (ଏଏକ୍ସ-୪) ଭାରତୀୟ ସମୟ ଅନୁସାରେ ମଙ୍ଗଳବାର ସକାଳ ୬ଟା ୧୨ ମିନିଟରେ ଆରମ୍ଭ ହେବ। ଆକ୍ସିଓମ୍-୪ ମିଶନ୍ ମହାକାଶଚାରୀ ନାସାର କେନେଡି ସ୍ପେସ୍ ସେଣ୍ଟରରେ ଏଲସି-୩୯ଏରୁ ସ୍ପେସଏକ୍ସ ଡ୍ରାଗନ ମହାକାଶ ଯାନରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଉଡାଣ ଭରିବେ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ମିଶନରେ ଆମେରିକା, ଭାରତ, ପୋଲାଣ୍ଡ ଏବଂ ହେଙ୍ଗେରୀର ୪ଜଣ ମହାକାଶଚାରୀଙ୍କୁ ୧୪ ଦିନିଆ ଡକିଂ ଅଭିଯାନ ପାଇଁ ପୃଥିବୀର ନିମ୍ନ କକ୍ଷପଥକୁ ନେଇଯିବେ। ଏଥରେ ବିଭିନ୍ନ ପରୀକ୍ଷଣ କରାଯିବ ଯେଉଁଥିରେ ୭ଟିକୁ ଇସ୍ରୋ ସଫଳ କରିବ। ଆକ୍ସିଓମ୍-୪ ମିଶନ ଭାରତ, ପୋଲାଣ୍ଡ ଓ ହେଙ୍ଗେରୀ ପାଇଁ ମାନବ ମହାକାଶ ଯାନର ପ୍ରତ୍ୟାବର୍ତ୍ତନକୁ ସାକାର କରିବ। ଏଥିରେ ସବୁ ଦେଶର ୪୦ରୁ ଅଧିକ ବର୍ଷର ପ୍ରଥମ ମିଶନ ହେବ। ଏହା ଇତିହାସରେ ଦ୍ୱିତୀୟ ମାନବ ମହାକାଶ ମିଶନ ହେବ। ଏହା ପ୍ରଥମ ଥର ହେବ କି ଆଇଏସଏସରେ ଏହି ମିଶନ ସଫଳ ହେବ। ସମଗ୍ର ବିଶ୍ୱର ନଜର ଏହି ମିଶନ ଉପରେ ରହିଛି। ଇସ୍ରୋ କରିବ ୭ ମାଇକ୍ରୋଭିଟି ଗବେଷଣା- ଇସ୍ରୋ ଆଗାମୀ ଆକ୍ସିଓମ୍-୪ ମିଶନ ଜରିଆରେ ୭ଟି ମାଇକ୍ରୋଭିଟିର ଅନୁସନ୍ଧାନ କରିବ। ମାନବ ସ୍ୱାସ୍ଥ୍ୟ, ଭୌତିକ ତଥା ଜୈବିକ ବିଜ୍ଞାନ, ପଦାର୍ଥ ଅନୁସନ୍ଧାନ, ଅଭିନବ ଔଷଧ ବିକାଶ ଏବଂ ଜୈବ ପ୍ରେୟୋଗିକ ପରି ବିଭିନ୍ନ କ୍ଷେତ୍ରରେ ଗବେଷଣା କରିବ। ତେବେ ଭାରତୀୟ ବାୟୁସେନାର ଜଣେ ପ୍ରତିଷ୍ଠିତ ପାଇଲଟ ଶୁଭାଂଶୁ ଶୁକ୍ଳା। ଇସ୍ରୋର ଐତିହାସିକ ଗଗନଯାନ ମିଶନ ପାଇଁ ୪ଜଣ ମହାକାଶଚାରୀଙ୍କ ମଧ୍ୟରୁ ଜଣେ ଭାବେ ମନୋନୀତ ହୋଇଥିଲେ। ଲକ୍ଷ୍ନୌରେ ଜନ୍ମିତ ୩୯ ବର୍ଷୀୟ ଶୁଭାଂଶୁ ଶୁକ୍ଳା ୨୦୦୬ରେ ଭାରତୀୟ • ପୃଷ୍ଠା ୭ ଦେଖନ୍ତୁ...

ନମୋ ଆପ ମାଧ୍ୟମରେ ଭାରତର ରୂପାନ୍ତରିତ ଯାତ୍ରାକୁ ଆବିଷ୍କାର ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୯।୬ (ପିଆଇବି): ଏନଡିଏ ନେତୃତ୍ୱାଧୀନ ସରକାରରେ ଗତ ୧୧ ବର୍ଷ ଭିତରେ ଭାରତର ଉଲ୍ଲେଖନୀୟ ରୂପାନ୍ତରିକରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଲ୍ଲେଖ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ହୋଇଥିବା ଦ୍ରୁତ ଅଭିବୃଦ୍ଧି ଲାଗି ୧୪୦ କୋଟି ଭାରତୀୟଙ୍କ ସାମୁହିକ ଚେଷ୍ଟା ନିହିତ ଓ ଏହା କେବଳ ସୁଶାସନ ଓ ରୂପାନ୍ତରିକରଣ ପାଇଁ ହୋଇପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ଭାବଧାରାରେ ଏନଡିଏ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିରୁ ଆରମ୍ଭ କରି ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଲୋକମାନଙ୍କ ହିତ ଲାଗି ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଭାରତ କେବଳ ଏକ ପ୍ରଗତିଶୀଳ ଅର୍ଥନୀତି ନୁହେଁ ବରଂ ଜଳବାୟୁ ପରିବର୍ତ୍ତନ ଓ ଡିଜିଟାଲ ଅଗ୍ରଗତି କ୍ଷେତ୍ରରେ ସାରା • ପୃଷ୍ଠା ୭ ଦେଖନ୍ତୁ...

ବ୍ୟାଙ୍କ କମାଇଲେ ଋଣ ସୁଧ: କମ୍ ଇଏମ୍ଆଇରେ ମିଳିବ ଋଣ

ନୂଆଦିଲ୍ଲୀ,(ହି.ସ): ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ୦.୫ ପ୍ରତିଶତ ହ୍ରାସ କରିବା ପରେ ଦେଶର ବିଭିନ୍ନ ବ୍ୟାଙ୍କ ସେମାନଙ୍କ ଋଣ ସୁଧ କମ୍ କରିବା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଆଗରେ ରହିଛନ୍ତି। ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କରୁର୍ ବୈଶ୍ୟ ବ୍ୟାଙ୍କ ପକ୍ଷରୁ ବାହ୍ୟ ବେଞ୍ଚମାର୍କ ସହ ଲିଙ୍କ୍ ହୋଇଥିବା ଋଣର ସୁଧ କମ୍ କରାଯାଇଛି। ଆଗାମୀ ଦିନରେ ଗ୍ରାହକମାନେ ବ୍ୟାଙ୍କରୁ କମ୍ ସୁଧରେ ଘର ଓ ଗାଡ଼ି ଆଦି କିଣିବା ଲାଗି ଋଣ ନେଇପାରିବେ। ସେମାନଙ୍କୁ ପୂର୍ବାପେକ୍ଷା ମାସିକ କିସ୍ତି ଆକାରରେ କମ୍ ଟଙ୍କା ଗଣିବାକୁ ପଡ଼ିବ। ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଏହାର ରେପୋ ସହ ଲିଙ୍କ୍ ହୋଇଥିବା ଋଣ ସୁଧ ହାରକୁ ୮.୮୫ ପ୍ରତିଶତରୁ ହ୍ରାସ କରି ୮.୩୫ ପ୍ରତିଶତ କରିଛି। କିନ୍ତୁ ଏହାର ଏମ୍ସିଏଲ୍ଆର୍ ଭିତ୍ତିକ ସୁଧହାର ଅପରିବର୍ତ୍ତିତ ରହିଛି। ବ୍ୟାଙ୍କ ଅଫ୍ ବରୋଦା ଏହାର ଋଣ ସୁଧକୁ ୮.୧୫ ପ୍ରତିଶତକୁ ହ୍ରାସ କରିଛି। ଏଫଡ଼ିଏଫସି ବ୍ୟାଙ୍କ ଏହାର ଓଭର୍ନାଇଟ୍ ଓ ମାସିକିଆ ହାରକୁ ୮.୯୦ ପ୍ରତିଶତକୁ ହ୍ରାସ କରିଛି। ୟୁକୋ ବ୍ୟାଙ୍କ ଏହାର ଋଣ ସୁଧ ହାର ୦.୫୦ ପ୍ରତିଶତ କମ୍ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ରେପୋ ସହ ଲିଙ୍କ୍ ହୋଇଥିବା ସୁଧ ହାର ୮.୭୫ ପ୍ରତିଶତକୁ ହ୍ରାସ ପାଇଛି। ଇଣ୍ଡିଆନ୍ ବ୍ୟାଙ୍କ ଏହାର ରେପୋ ସହ ଲିଙ୍କ୍ ହୋଇଥିବା ସୁଧ ହାରକୁ ୮.୨୦ ପ୍ରତିଶତକୁ ହ୍ରାସ କରିଛି। କରୁର୍ ବେଶ୍ୟ ବ୍ୟାଙ୍କର ୬ ମାସିଆ ଏମସିଏଲ୍ଆର୍ ୯.୮୦ ପ୍ରତିଶତକୁ ହ୍ରାସ ପାଇଛି। ରେପୋ ହାର କମ୍ କରିବା ପରେ ତୁରନ୍ତ ତାହାର ଲାଭ ଗ୍ରାହକଙ୍କୁ ଦେବା ଲାଗି ରିଜର୍ଭ ବ୍ୟାଙ୍କ ଆହ୍ୱାନ ଦେଇଥିଲା। କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତିକୁ ଏହା ବ୍ୟାଙ୍କ ଉପରେ ଛାଡ଼ିଥିଲା। ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଘୋଷଣା ପରେ ସଙ୍ଗେ ସଙ୍ଗେ କିଛି ଛୋଟ ବ୍ୟାଙ୍କ ଋଣ ସୁଧ କମ୍ କରିଥିଲେ।

ଏମଏସ୍‌ଜେକେ ହସ୍ପିଟାଲ ଗ୍ରାମାଞ୍ଚଳ ଲାଞ୍ଜିଗଡ଼ରେ ସ୍ୱାସ୍ଥ୍ୟସେବା ସୁବିଧାକୁ ରୂପାନ୍ତରିତ କରିଛି

ଭୁବନେଶ୍ୱର,(ଡିକେ ନ୍ୟୁଜ୍): ଦାରିଦ୍ର୍ୟ ଏବଂ ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ସଂଘର୍ଷ ପାଇଁ ଜଣାଶୁଣା କଳାହାଣ୍ଡି ସ୍ୱାସ୍ଥ୍ୟସେବା ସୁବିଧା କ୍ଷେତ୍ରରେ ଏକ ନୀରବ ବିପ୍ଳବ ଦେଖୁଛି। ଏହି ପରିବର୍ତ୍ତନର ପ୍ରମୁଖ ବାହକମାନଙ୍କ ମଧ୍ୟରେ ମା ସନ୍ତୋଷୀ ଜନକଲ୍ୟାଣ (ଏମଏସଜେକେ) ହସ୍ପିଟାଲ ରହିଛି, ଯାହାକି ଏକଦା ଗରିବ ଜିଲ୍ଲାର ହଜାର ହଜାର ଲୋକଙ୍କ ପାଇଁ ଆଶାର ଆଲୋକ ଅଟେ। ଦଶନ୍ଧି ଧରି, ଏହି ଦୂରବର୍ତ୍ତୀ ଅଞ୍ଚଳର ସମ୍ପ୍ରଦାୟଗୁଡ଼ିକ କୌଣସି ସ୍ୱାସ୍ଥ୍ୟସେବା ସୁବିଧା ନପାଇ ସ୍ୱାସ୍ଥ୍ୟ ସଙ୍କଟ ସହିତ ଲଢୁଥିଲେ। ମୌଳିକ ସ୍ୱାସ୍ଥ୍ୟସେବା ସେବା ପ୍ରାୟତଃ ଅପହଞ୍ଚ ଥିଲା, ଯାହା ପରିବାରଗୁଡ଼ିକୁ ଚିକିତ୍ସା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ବାଧ୍ୟ କରୁଥିଲା। ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଦୃଶ୍ୟପଟ ବିକଶିତ ହୋଇଛି, ବିକାଶର ନୂତନ ମାର୍ଗ ଦ୍ୱାରା ଆକୃତି ପାଇଛି ଯାହା ଲୋକଙ୍କ ଦ୍ୱାରଦେଶରେ ଅତ୍ୟାବଶ୍ୟକ ସେବା ଆଣିଛି। କଳାହାଣ୍ଡିରେ ବେଦାନ୍ତର ଉପସ୍ଥିତି ଏହି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ୨୦୦୦ ମସିହାରେ ପ୍ରତିଷ୍ଠିତ ଏମଏସଯେକେ ହସ୍ପିଟାଲକୁ ସମର୍ଥନ କରି ସଙ୍କଟ ଏବଂ ଯତ୍ନ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରୁଛି। ଏହି ହସ୍ପିଟାଲଟି ପ୍ରାରମ୍ଭରେ ଚାରୋଟି ଗ୍ରାମ ପଞ୍ଚାୟତର ୭୦ ଟି ଗ୍ରାମର ୮,୦୦୦ ଲୋକଙ୍କୁ ସେବା ଦେବା ପାଇଁ ନିର୍ମିତ ହୋଇଥିଲା, ଯାହାର ପ୍ରଭାବ କିଛି ଅଞ୍ଚଳରେ ସୀମିତ ଥିଲା। ୨୦୧୪ ମସିହାରେ ଯେତେବେଳେ ବେଦାନ୍ତ ଲାଞ୍ଜିଗଡ଼ରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଏମଏସଯେକେ ହସ୍ପିଟାଲ ସହିତ ସହଭାଗୀତା ଆରମ୍ଭ କଲା ସେତେବେଳେ ଏକ ବଡ ପରିବର୍ତ୍ତନ ହେଲା। ଯଦିଓ ଏହା ବେଦାନ୍ତର ବ୍ୟାପକ ସହାୟତା ସହିତ ବାଙ୍କାକୁଣ୍ଡୁ ଅଞ୍ଚଳର ଏକମାତ୍ର ସ୍ୱାସ୍ଥ୍ୟସେବା କେନ୍ଦ୍ର ହୋଇ ରହିଛି, ତଥାପି ଏହି ହସ୍ପିଟାଲ ଏବେ ୧୫ଟି ଗ୍ରାମ ପଞ୍ଚାୟତର ୩୦୦ଟି ଗ୍ରାମକୁ ସହାୟତା କରୁଛି, ଯାହା ବାର୍ଷିକ ୨୫,୦୦୦ ଲୋକଙ୍କୁ ଉପକୃତ କରେ। ହସ୍ପିଟାଲଟି ଆଶ୍ୱାସନାର ଏକ ସ୍ତମ୍ଭ ପାଲଟିଛି, ଯାହା ଓଡ଼ିଶାର ଏକ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ଚିକିତ୍ସାକୁ ବାସ୍ତବତାରେ ପରିଣତ କରିଛି। କିନ୍ତୁ ପରିସଂଖ୍ୟାନ ବ୍ୟତୀତ, ଯେଉଁମାନଙ୍କର ଜୀବନ ସ୍ପର୍ଶ କରିଛି ସେମାନଙ୍କ କାହାଣୀ ହିଁ ଏହି ପରିବର୍ତ୍ତନର ପ୍ରଭାବକୁ ପ୍ରକୃତରେ ପ୍ରତିଫଳିତ କରେ। ଉଚ୍ଚ ମାତୃ ମୃତ୍ୟୁହା ର ଯୋଗୁଁ ଗର୍ଭଧାରଣକୁ ଭୟ କରୁଥିବା ମାମାନେ ଏବେ ସ୍ୱତନ୍ତ୍ର ଯତ୍ନରେ ସାନ୍ତ୍ୱନା ପାଆନ୍ତି। ପ୍ରତିରୋଧଯୋଗ୍ୟ ରୋଗରେ ପୀଡିତ ପିଲାମାନେ ଏବେ ନିୟମିତ ଟୀକାକରଣ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଆନ୍ତି। ମ୍ୟାଲେରିଆ, ଡାଇରିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ପରିସ୍ଥିତି ସହିତ ଲଢୁଥିବା ବ୍ୟକ୍ତିମାନେ – ଏହି ଅଞ୍ଚଳରେ ପ୍ରଚଳିତ ରୋଗ – ହସ୍ପିଟାଲର ବ୍ୟାପକ ଚିକିତ୍ସା କାର୍ଯ୍ୟକ୍ରମ ଯୋଗୁଁ ଲଢ଼ିବାର ଅଧିକ ସମ୍ଭାବନା ଅଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ସ୍ୱାସ୍ଥ୍ୟସେବା ହସ୍ପିଟାଲ କାନ୍ଥ ମଧ୍ୟରେ ଆବଦ୍ଧ ନୁହେଁ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଡାକ୍ତର ଏବଂ ନର୍ସମାନଙ୍କୁ ସିଧାସଳଖ ସେମାନଙ୍କ ପାଖରେ ପହଞ୍ଚାଏ ଯେଉଁମାନେ ସେମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକ କରନ୍ତି, ଛୋଟମୋଟ ରୋଗ ଜରୁରୀକାଳୀନ ପରିସ୍ଥିତିରେ ପରିଣତ ହେବା ପୂର୍ବରୁ ପ୍ରାରମ୍ଭିକ ହସ୍ତକ୍ଷେପ ସୁନିଶ୍ଚିତ କରେ। ଏହି ପଦକ୍ଷେପ ଦ୍ୱାରା ଡାକ୍ତରଖାନାରେ ଭର୍ତ୍ତିହେବା ବହୁତ ହ୍ରାସ ପାଇଛି, ପରିବାରଗୁଡ଼ିକୁ ଚିକିତ୍ସା ପାଇଁ କଷ୍ଟକର ଯାତ୍ରା କରିବା ପରିବର୍ତ୍ତେ ସେମାନଙ୍କ ଗ୍ରାମ ମଧ୍ୟରେ ସମୟାନୁସାରେ ଚିକିତ୍ସା ପାଇପାରୁଛନ୍ତି। ଜରୁରୀକାଳୀନ ପ୍ରତିକ୍ରିୟାରେ ମଧ୍ୟ ଏକ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି। ଆମ୍ବୁଲାନ୍ସ ହସ୍ତକ୍ଷେପ ସହିତ, ଏମଏସଯେକେ ହସ୍ପିଟାଲ ଦ୍ରୁତ ଚିକିତ୍ସା ସହାୟତା ସୁନିଶ୍ଚିତ କରିଛି ଯାହା ଅନେକ କ୍ଷେତ୍ରରେ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଅଧୀନରେ ସ୍ୱୀକୃତିପ୍ରାପ୍ତ, ବେଦାନ୍ତର ପଦକ୍ଷେପଗୁଡ଼ିକ ଜାତୀୟ ପ୍ରଶଂସା ହାସଲ କରିଛି, ଯାହା ପ୍ରମାଣିତ କରିଛି ଯେ ଅତ୍ୟାବଶ୍ୟକ ସେବାର ପ୍ରସାର ସମ୍ପ୍ରଦାୟର ଉନ୍ନତି ପାଇଁ ଏକ ଶକ୍ତିଶାଳୀ ଶକ୍ତି ହୋଇପାରେ। ଆଜି, କଳାହାଣ୍ଡି ଏହାର ଅତୀତର ସମ୍ପୂର୍ଣ୍ଣ ବିପରୀତ ସ୍ଥିତିରେ ଅଛି। ସ୍ୱାସ୍ଥ୍ୟସେବା ଆଉ ଏକ ଦୂର ବିଳାସ ନୁହେଁ – ଏହା ଏହି ଅଞ୍ଚଳର ଦୈନନ୍ଦିନ ଜୀବନର ତନ୍ତୁରେ ବୁଣାଯାଇଥିବା ଏକ ବିଶ୍ୱସ୍ତ ସମ୍ବଳ। ହସ୍ପିଟାଲ, ଏକଦା ଏକ ସାଧାରଣ ପ୍ରତିଷ୍ଠାନ, ସମର୍ଥନର ଏକ ସ୍ତମ୍ଭ ପାଲଟିଛି, ସ୍ଥିରତା ଏବଂ ପ୍ରଗତି ଆଡ଼କୁ ଏକ ସ୍ଥିର ପରିବର୍ତ୍ତନର ପ୍ରତୀକ। ଯେଉଁଠାରେ ଥରେ ଅନିଶ୍ଚିତତା ଦେଖାଦେଇଥିଲା, ଏବେ ଆଶ୍ୱାସନା ତାର ସ୍ଥାନ ନେଇଛି – ସମର୍ପିତ ପ୍ରୟାସ ଏବଂ ଉଦୀୟମାନ ସୁଯୋଗର ସଙ୍ଗମ ଦ୍ୱାରା ସମ୍ଭବ ହୋଇଥିବା ଏକ ପ୍ରତିଶ୍ରୁତି ଅଟେ।

ଦ୍ୱାଦଶ ଇଫକୋ ଆନ୍ତଃ ୟୁନିଟ୍ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ

ପାରାଦୀପ,(ଡିକେ ନ୍ୟୁଜ୍): ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫ୍‌କୋ ପାରାଦୀପ ୟୁନିଟ୍ ପରିସରରେ ଅନୁଷ୍ଠିତ ଦ୍ୱାଦଶ ଆନ୍ତଃ ୟୁନିଟ୍ ସାଂସ୍କୃତିକ ସମାରୋହ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଓସ୍ତି, ରେଖା ଅଓସ୍ତି ଯୋଗ ଦେଇଥିଲେ । ସୋମବାର ଠାରୁ ଅନୁଷ୍ଠିତ ଏହି ସାଂସ୍କୃତି ସମାରୋହରେ ଇଫକୋରଫୁଲପୁର, କାଲ୍ଲୋଲ,ଆଓଁଲା, କାଣ୍ଡଲା,ଇଫକୋ ମୁଖ୍ୟାଳୟ , ଇଫକୋ ମାର୍କେଟିଙ୍ଗ ବିଭାଗ ସମେତ ପାରାଦୀପ ୟୁନିଟ୍ ସାମିଲ ହୋଇଥିଲେ । ପାରାଦୀପ ଇଫକୋ ୟୁନିଟ୍ ସମସ୍ତ ବିଭାଗରେ ସଫଳତା ପ୍ରଦର୍ଶନ କରିବା ସହିତ ଓଭରଅଲ ଚମ୍ପିୟାନ ଆଖ୍ୟା ଅଜୀନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଉଦଯାପନୀ ସମାରୋହର ମୁଖ୍ୟଅତିଥି ଡ. ଅଓସ୍ତି ଇଫକୋର ସଫଳତା ପଛରେ ଅଧ୍ୟକ୍ଷ ଦିଲ୍ଲୀପ ସଂଘାନୀଙ୍କ

ଅବଦାନକୁ ଉଚ୍ଚପ୍ରଶଂସା କରିଥିଲେ । ଓଡିଶା ଭଗବାନ ଲିଙ୍ଗରାଜ, ସୂର୍ଯ୍ୟ ମନ୍ଦିର ଓ ମହାପ୍ରଭୁ ଜଗନ୍ନାଥଙ୍କ ଭୂମି । ତାଙ୍କ ଆର୍ଶୀବାଦ ପାଇଁ ଆମେ ଭାଗ୍ୟବାନ କହିଥିଲେ । ଏହି ୟୁନିଟ୍‌କୁ ଅଧିଗ୍ରହଣ କରିବା ସମୟରେ ତାଙ୍କର ନିଷ୍ପତ୍ତି ଆଜି ସଠିକ୍‌ରେ ପରିଗଣିତ ହୋଇଛି । ୨୦୦୫ ମସିହାରେ ଏହି ସମାରୋହ ଆରମ୍ଭ ହୋଇଥିଲା ସମସ୍ତ ଇଫକୋର ମଧ୍ୟରେ ଏକତା, ପ୍ରତିଭାକୁ ବିକଶିତ କରିବା ଥିଲା ଲକ୍ଷ୍ୟ, ଏହି ଲକ୍ଷ୍ୟ ସଫଳ ହୋଇଥିବାରୁ ସେ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହ ସଫଳତାର ସହିତ ଉଦଯାପିତ ହୋଇଥିବାରୁ ପାରଦୀପ ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ର ଏହି ସମାରୋହ ସବୁ ଦିନ ପାଇଁ ସ୍ମୃତି ହୋଇ ରହିବ ବୋଲି କହିଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆର୍ଶୀବାଦ ଓ ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଓସ୍ତି, ରେଖା ଅଓସ୍ତି ଦିଗ୍‌ଦର୍ଶନ ଏହି ସମାରୋହକୁ ସଫଳତାର ସହିତ ସମାପନ ହୋଇଛି। ଆୟୋଜନ କମିଟିର ମୁଖ୍ୟ ଏସ.ପି.ରଥ, ସମସ୍ତ ଅଧିକାରୀ, କର୍ମଚାରୀ ସଂଘ ଓ ଅଫିସର୍ସ ସଂଘଙ୍କ ଅକ୍ଳାନ୍ତ ପରିଶ୍ରମ ଏହି ସମାରୋହ ସଫଳତାର ସହିତ ଶେଷ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ । ଇଫକୋ ଯେ କେବଳ ଏକ ଅନୁଷ୍ଠାନ ନୁହେଁ ଦେଶର କୃଷକଙ୍କ ସାଥିରେ ସବୁବେଳେ ଯୋଡି ହୋଇ ରହିଛି ଏବଂ ଆଗାମୀ ଦିନରେ ଏହା ବଳବତ୍ତର ହୋଇ ରହିବ ।

ଓଡ଼ିଶାକୁ ୩୯ କୋଟି ଏଫଡ଼ିଆଇ

ଭୁବନେଶ୍ୱର,(ହି.ସ): ପ୍ରବାସୀ ଭାରତୀୟ ଦିବସକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଭାରତର ଶ୍ରେଷ୍ଠ ଏଫଡ଼ିଆଇ ହବ୍ ପରିଣତ କରିବା ଲାଗି ସରକାରଙ୍କ ଆଭିମୁଖ୍ୟ ବିଷୟରେ ଜଣାଇଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ତଥ୍ୟ ଉପରେ ନଜର ପକାଇଲେ କିଛି ଅଲଗା ଚିତ୍ର ସାମ୍ନାକୁ ଆସୁଛି। ପ୍ରତ୍ୟକ୍ଷ ବେଦେଶିକ ପୁଞ୍ଜିନିବେଶ (ଏଫଡ଼ିଆଇ) ହାସଲ କରିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ୧୦ କିମ୍ବା ଶ୍ରେଷ୍ଠ ୨୦ ରାଜ୍ୟ ଭିତରେ ବି ସ୍ଥାନ ପାଇନାହିଁ। ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶକୁ ୪,୨୧,୯୨୮.୮୩ କୋଟି ଟଙ୍କାର ଏଫଡ଼ିଆଇ ଆସିଛି। ସେଥିରୁ ମାତ୍ର ୩୯.୦୨ କୋଟି ଟଙ୍କା ଓଡ଼ିଶା ଭାଗରେ ପଡ଼ିଛି। ଏହା ଦେଶକୁ ଆସିଥିବା ମୋଟ୍ ଏଫଡ଼ିଆଇର ମାତ୍ର ୦.୦୦୯%। ଗତ ଆର୍ଥିକ ବର୍ଷରେ ମହାରାଷ୍ଟ୍ର ସର୍ବାଧିକ ୧,୬୪,୮୭୫.୨୦ କୋଟି ଟଙ୍କାର ଏଫଡ଼ିଆଇ ହାସଲ କରିଛି। ଏହା ମୋଟ୍ ଏଫଡ଼ିଆଇର ୩୯.୧୬ ପ୍ରତିଶତ। ଏହି ଗୋଟିଏ ରାଜ୍ୟକୁ ଯେତିକି ଏଫଡ଼ିଆଇ ମିଳିଛି, ତଳ ଆଡ଼େ ଥିବା ୨୦ଟି ରାଜ୍ୟ ମିଳିତ ଭାବେ ସେତିକି ଏଫଡ଼୍ଆଇ ପାଇନାହାନ୍ତି। ଦେଶକୁ ଆସୁଥିବା ବିଦେଶୀ ନିବେଶ ମୁଖ୍ୟତଃ ସାତଟି ରାଜ୍ୟ ମଧ୍ୟରେ ସୀମିତ ରହିଛି। କ୍ରମାନ୍ୱୟରେ ସେହି ରାଜ୍ୟଗୁଡ଼ିକ ହେଉଛି ମହାରାଷ୍ଟ୍ର, କର୍ଣ୍ଣାଟକ (୫୬,୦୨୯ କୋଟି ଟଙ୍କା), ଦିଲ୍ଲୀ (୫୧,୫୪୦ କୋଟି ଟଙ୍କା), ଗୁଜରାଟ (୪୭,୯୪୭ କୋଟି ଟଙ୍କା), ତାମିଲନାଡୁ (୩୧,୧୦୨ କୋଟି ଟଙ୍କା), ହରିୟାଣା (୨୬,୫୯୯ କୋଟି ଟଙ୍କା) ଓ ତେଲେଙ୍ଗାନା (୨୫,୫୯୯ କୋଟି ଟଙ୍କା)। ଅନ୍ୟ ସବୁ ରାଜ୍ୟକୁ ଝରି ହଜାର କୋଟି ଟଙ୍କାରୁ କମ୍ ଏଫଡ଼ିଆଇ ମିଳିଛି। ଏଫଡ଼ିଆଇ ହାତେଇବାରେ ଓଡ଼ିଶା ପଛୁଆ ରହୁଥିବାର ସମ୍ଭାବ୍ୟ କାରଣ ସମ୍ପର୍କରେ ଆଲୋଚନା କରି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ ବିଦେଶୀ ପାଣି ଆଣିବା ଲାଗି ସରକାରୀ ସ୍ତରରେ ଯେଉଁଭଳି ଭାବେ ଉଦ୍ୟମ, ବିଚାରବିମର୍ଶ, ଯୋଜନା ଓ ଆଲୋଚନା ହେବା କଥା ତାହା ହେଉନାହିଁ। ସରକାରଙ୍କୁ ଏଫଡ଼ିଆଇ ଲାଗି ନିର୍ଦ୍ଦିଷ୍ଟ କ୍ଷେତ୍ର ଚିହ୍ନଟ କରିବାକୁ ପଡ଼ିବ ଏବଂ ସ୍ୱତନ୍ତ୍ର ଭାବେ ସେହି କ୍ଷେତ୍ରଗୁଡ଼ିକ ଲାଗି ନିବେଶ ଆଣିବା ଲାଗି ବିଦେଶୀ ନିବେଶକମାନଙ୍କ ପାଖରେ ପହଞ୍ଚିବାକୁ ହେବ। ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ, ଫାର୍ମାସ୍ୟୁଟିକାଲ୍ ଓ ତେଲ କ୍ଷେତ୍ରରେ ବିଦେଶୀ ପୁଞ୍ଜି ହାସଲ କରିବାର ବ୍ୟାପକ ସମ୍ଭାବନା ରହିଛି ବୋଲି ଶ୍ରୀ କାନୁନଗୋ କହିଛନ୍ତି।

ରିଜର୍ଭ ବ୍ୟାଙ୍କ ସର୍ବେକ୍ଷଣ : ଦରଦାମ୍‌ରେ ବୃଦ୍ଧି ହେବାର ଆଶଙ୍କା

ଭୁବନେଶ୍ୱର,(ହି.ସ): ଆସନ୍ତା ତିନି ମାସରୁ ଏକ ବର୍ଷ ମଧ୍ୟରେ ଦରଦାମ୍‌ରେ ବୃଦ୍ଧି ହେବାର ଆଶଙ୍କା ରହିଛି। ଭୁବନେଶ୍ୱରରେ ରହୁଥିବା ପରିବାରଗୁଡ଼ିକ ଏଭଳି ଭାବୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ସହରରେ ବାସ କରୁଥିବା ପରିବାରଗୁଡ଼ିକ ଭାବୁଛନ୍ତି ଯେ ବର୍ତ୍ତମାନର ମୁଦ୍ରାସ୍ଫୀତି ୭.୫ ପ୍ରତିଶତ ରହିଛି। ଆଗାମୀ ତିନି ମାସ ମଧ୍ୟରେ ତାହା ୧୦.୧ ପ୍ରତିଶତକୁ ବୃଦ୍ଧି ପାଇବ ଏବଂ ଏକ ବର୍ଷ ମଧ୍ୟରେ ତାହା ୯.୮ ପ୍ରତିଶତ ରହିବ। ଭୁବନେଶ୍ୱର ସମେତ ଦେଶର ୧୯ଟି ସହରରେ ଗତ ମେ' ୨ରୁ ୧୧ ଏହି ସର୍ବେକ୍ଷଣ କରାଯାଇଥିଲା। ସେଥିରେ ୬୦୭୯ ବୈଧ ପ୍ରତିକ୍ରିୟା ମିଳିଥିଲା। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଦେଶରେ ଏକ ବର୍ଷ ମଧ୍ୟରେ ଦରଦାମ୍ ସ୍ଥିତିରେ ସୁଧାର ଘଟିବ। ତେଣୁ ଘର ପରିବାର ଚଳାଇବା ଲାଗି ଦରଦାମ୍ ଯେଉଁ ଝପ ରହୁଥିଲା, ତାହା ଆଗାମୀ ଦିନରେ ହାଲୁକା ହେବାର ସମ୍ଭାବନା ରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ କମ୍ ଲୋକ ଦରଦାମ୍ ବଢ଼ିବ ବୋଲି ଭାବୁଛନ୍ତି। ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା ଲୋକମାନେ କହିଛନ୍ତି ଯେ ଖାଦ୍ୟ, ଅଣ ଖାଦ୍ୟ, ଘରକରଣା ଜିନିଷ, ବାସଗୃହ ଓ ସେବାର ମୂଲ୍ୟରେ ଆଖିଦୃଶିଆ ହ୍ରାସ ହୋଇଛି। କିନ୍ତୁ ୫୫ ପ୍ରତିଶତ ପରିବାର ଭାବୁଛନ୍ତି ଯେ ଖାଇବା ଜିନିଷ ଦାମ୍ ଆଗାମୀ ଦିନରେ ବଢ଼ିବ ଦରଦାମ୍‌କୁ ନେଇ ବିଭିନ୍ନ ବୟସ ବର୍ଗର ଲୋକଙ୍କ ମତ ଭିନ୍ନ ଭିନ୍ନ ରହିଛି।

ଛତିଶଗଡର ସୁକମା ଜିଲ୍ଲାରେ ନକ୍ସଲମାନଙ୍କ ଆଇଇଡି ବିସ୍ଫୋରଣରେ ଏଏସପି ଆକାଶ ରାଓ ଗିର ପୁଞ୍ଜେଙ୍କ ସର୍ବୋଚ୍ଚ ବଳିଦାନ

ସୁକମା,(ହି.ସ): ଛତିଶଗଡର ସୁକମା ଜିଲ୍ଲାର କୋଣ୍ଟା ଅଞ୍ଚଳର ଡୋଣ୍ଡ୍ରାରେ ନକ୍ସଲମାନଙ୍କ ଦ୍ୱାରା ହୋଇଥିବା ଆଇଇଡି ବିସ୍ଫୋରଣର ଶିକାର ହେବା ପରେ ଏଏସପି ଆକାଶ ରାଓ୍ୱ ଗିର ପୁଞ୍ଜେଙ୍କ ସର୍ବୋଚ୍ଚ ବଳିଦାନ ହୋଇଛି।ଏହି ବିସ୍ଫୋରଣରେ କୋଣ୍ଟା ଟିଆଇ ମଧ୍ୟ ଆହତ ହୋଇଛନ୍ତି।ଖବର ମିଳିବା ମାତ୍ରେ ଯବାନମାନଙ୍କୁ ନକ୍ସଲ ପ୍ରଭାବିତ ଅଞ୍ଚଳକୁ ପଠାଯାଇଥିଲା।ଜିଲ୍ଲା ପୋଲିସ ଅଧୀକ୍ଷକ କିରଣ ଚୌହାନ ଘଟଣାକୁ ନିଶ୍ଚିତ କରିଛନ୍ତି।ଘଟଣା ରବିବାର ବିଳମ୍ବିତ ରାତିରେ ଘଟିଥିବା କୁହାଯାଉଛି।ରାଜ୍ୟର ସୁକମା ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା। ଏହି ଘଟଣାରେ ସମଗ୍ର ପୋଲିସ ବିଭାଗ ଶୋକ ଏବଂ ମର୍ମାହତ।ବସ୍ତର ଆଇଜି ସୁନ୍ଦରରାଜ ପୀ କହିଛନ୍ତି ଯେ ମାଓବାଦୀମାନଙ୍କ ୧୦ ଜୁନରେ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ବସ୍ତରରେ ସୁରକ୍ଷାବାହିନୀ

ଗତ ୧୧ ବର୍ଷରେ ଭାରତ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ନିଜ ନୀତି ଓ ନିୟତିର ମୂଳ ଆଧାର ବନାଇଛି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର ଆଜି ୧୧ ବର୍ଷ ପୂରଣ କରିଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, ସେବା, ସୁଶାସନ ଓ ସମାବେଶମୂଳକ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ! ଗରିମାମୟ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଗତ ୧୧ ବର୍ଷରେ ଭାରତ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ନିଜ ନୀତି ଓ ନିୟତିର ମୂଳ ଆଧାର ବନାଇଛି । ବିକାଶ ବର୍ତ୍ତମାନ କେବଳ ସଂଖ୍ୟାରେ ସୀମିତ ନୁହେଁ, ବରଂ ସମାଜର ସେହି ଶେଷ ମଣିଷ ପର୍ଯ୍ୟନ୍ତ ପହଞ୍ଚିଛି। ଦେଶ ଏମିତି ଏକ ବିକାଶ ମଡେଲ୍ ଅପଣଶଇଛି, ଯେଉଁଠି ଗରିବ, ବଞ୍ଚିତ ଓ ପୀଡ଼ିତଙ୍କ ଗରିମାକୁ ସବୁଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । ପ୍ରତ୍ୟେକ ଗରିବକୁ ଅଧିକାର, ପ୍ରତ୍ୟେକ କୃଷକକୁ ସମ୍ମାନ, ପ୍ରତ୍ୟେକ ଯୁବକକୁ ଅବସର ଓ ପ୍ରତ୍ୟେକ ନାରୀଙ୍କ ସଶକ୍ତିକରଣ ଏହି ମନ୍ତ୍ରକୁ ନେଇ ଭାରତ ଆଧାରଭୂତ ଢାଞ୍ଚା, ସ୍ୱାସ୍ଥ୍ୟ, ରକ୍ଷା ଓ ପ୍ରଯୁକ୍ତି କ୍ଷେତ୍ରରେ ଐତିହାସିକ ସଫଳତା ଅର୍ଜନ କରିଛି। 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ'ର ଶକ୍ତିଶାଳୀ ପରିଣାମ ହେଉଛି ଯେ, ଭାରତ ବର୍ତ୍ତମାନ ସମାବେଶମୂଳକ ବିକାଶର ଏକ ନୂତନ ନମୁନା ପ୍ରସ୍ତୁତ କରୁଛି। ଯାହାର ଫଳରେ ଆଜି ବିଶ୍ୱମଞ୍ଚରେ ସମ୍ମାନିତ ଭାରତ କେବଳ ଜଣା ନୁହେଁ, ବରଂ ଏକ ଶକ୍ତିଶାଳୀ ସତ୍ୟ ପାଲଟିଛି ।

ଶ୍ରାଦ୍ଧଦିବସ ଅବସରରେ ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ହି.ସ): ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହା ହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୁଦ୍ଧରେ ପ୍ରତିବାଦର ସ୍ୱର । ଏହି ଆନ୍ଦୋଳନର ମୁଖ୍ୟ ସୂତ୍ରଧର ମହାନ ବିପ୍ଳବୀ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। ବ୍ରିଟିଶ ଶାସନର ଦାସତ୍ୱରୁ ମୁକ୍ତି ପାଇବା ନିମନ୍ତେ ବିପ୍ଳବୀ ବିର୍ସା ମୁଣ୍ଡାମାନଙ୍କୁ ସଂଗଠିତ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ଜାଗିରିଦାର, ଜମିଦାର ଓ ଠିକାଦାରମାନେ ମୁଣ୍ଡା ତଥା ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରିବା ସହିତ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ଏବଂ ଭୟଭୀତ କରି ରଖିଥିଲେ । ଏହିଭଳି ଏକ ସନ୍ଧିକ୍ଷଣରେ ମହାନ ବିପ୍ଳବୀ ତଥା ସ୍ୱାଧୀନଚେତା ବିର୍ସା ମୁଣ୍ଡାଙ୍କର ଆବିର୍ଭାବ ଘଟିଥିଲା । ସେ ମୁଣ୍ଡା ସମ୍ପ୍ରଦାୟର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ବ୍ରିଟିଶ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ । ବିର୍ସାଙ୍କ ସହ ହାତ ମିଳାଇ ଦେଶ ପାଇଁ ହଜାର ହଜାର ସଂଖ୍ୟକ ସଂଗ୍ରାମୀ ମୃତ୍ୟୁବରଣ କରିଥିଲେ । ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି ଏବଂ ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି । ଆମେ ଭାରତୀୟମାନେ ଗର୍ବିତ ଯେ ଆମ ମାତୃଭୂମିରେ ଏପରି ଜଣେ ତେଜସ୍ୱୀ ବୀର ସନ୍ତାନ ଭୂମିଷ୍ଠ ହୋଇଥିଲେ। ଗୋତି ତଥା କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବିର୍ସା ଗଣା ହୁଅନ୍ତି । ଆଜି ସେ ଆଦିବାସୀମାନଙ୍କ ନିମନ୍ତେ ଗୌରବମୟ ପରିଚିତ ଓ ଭବିଷ୍ୟତ ପିଢ଼ିଙ୍କ ନିମନ୍ତ ଆଲୋକବର୍ତ୍ତିକା। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଦୁଷ୍ମନ୍ତ ସ୍ୱାଇଁ, ସରୋଜ ପାଢ଼ୀ, ଦୁର୍ଗା ଚରଣ ତନ୍ତୀ, ରୁପୁ ଭତ୍ରା, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଚଳିତ ରଥଯାତ୍ରାରେ ଯୋଗଦେବେ ଆଇଆଇଟି ଏବଂ ଆଇଆଇଏମ ଛାତ୍ରଛାତ୍ରୀ

ଭୁବନେଶ୍ୱର/ପୁରୀ,(ହି.ସ) : ପ୍ରଥମ ଥର ପାଇଁ, ଭାରତର ପ୍ରମୁଖ ପ୍ରତିଷ୍ଠାନ ଯଥା ଆଇଆଇଟି, ଆଇଆଇଏମ ଏବଂ ପ୍ରମୁଖ ପଲିସି ଏବଂ ମ୍ୟାନେଜମେଣ୍ଟ ସ୍କୁଲର ଶ୍ରେଷ୍ଠ ଛାତ୍ରଛାତ୍ରୀମାନେ ବିଶ୍ୱର ସର୍ବବୃହତ ବାର୍ଷିକ ଆଧ୍ୟାତ୍ମିକ ସମାବେଶ, ଜଗନ୍ନାଥ ରଥଯାତ୍ରା ୨୦୨୫ ପାଇଁ ଜିଲ୍ଲା ପ୍ରଶାସନ ସହିତ ହାତ ମିଳାଇବା ପାଇଁ ପୁରୀରେ ଏକତ୍ରିତ ହେବେ। ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ପବ୍ଲିକ୍ ସିଷ୍ଟମ୍ ଏବଂ ଇନଫ୍ରାଷ୍ଟ୍ରକ୍‌ଚର ଇଣ୍ଟର୍ନସିପ ଅଧୀନରେ, ଏହି ଛାତ୍ରଛାତ୍ରୀମାନେ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଅଧ୍ୟୟନ କରିବା ପାଇଁ ସେଠାରେ କାର୍ଯ୍ୟ କରିବେ, ଯେଉଁଥିରେ ଭିଡ଼ ଆଚରଣ, ସାର୍ବଜନୀନ ଭିତ୍ତିଭୂମି, କାର୍ଯ୍ୟକ୍ରମ ଯୋଜନା ଏବଂ ଏଜେନ୍ସି ମଧ୍ୟରେ ଆନ୍ତଃ-ସମନ୍ୱୟ ଅନ୍ତର୍ଭୁକ୍ତ। ଏସମ୍ପର୍କରେ କଲେକ୍ଟର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ (ଆଇଏଏସ) କହିଛନ୍ତି, ଜଗନ୍ନାଥ ପୁରୀ ରଥଯାତ୍ରା ହେଉଛି ଭକ୍ତି ଏବଂ ସମନ୍ୱୟର ଏକ ଉଲ୍ଲେଖନୀୟ ପ୍ରଦର୍ଶନ। ଏହା କାର୍ଯ୍ୟ କ୍ଷେତ୍ରରେ ରାଷ୍ଟ୍ର ନିର୍ମାଣର ଏକ ଜୀବନ୍ତ ଉଦାହରଣ, ଯାହାକୁ ଭାରତର ଉଜ୍ଜ୍ୱଳ ମସ୍ତିଷ୍କମାନେ ପ୍ରତ୍ୟକ୍ଷ ଭାବରେ ଦେଖିବା ଉଚିତ।'୧୦-୧୫ ଦିନ ମଧ୍ୟରେ, ମନୋନୀତ ଇଣ୍ଟର୍ନମାନଙ୍କୁ ପରିମଳ ଭିତ୍ତିଭୂମି, ଜରୁରୀକାଳୀନ ପ୍ରତିକ୍ରିୟା ପ୍ରଣାଳୀ, ସେବା ଷ୍କଲ୍ କାର୍ଯ୍ୟ ଏବଂ ଡିଜିଟାଲ୍ ନାଗରିକ ସମ୍ପୃକ୍ତି ସମ୍ପର୍କରେ ଲାଇଭ୍ ପ୍ରୋଜେକ୍ଟ ପ୍ରଦାନ କରାଯିବ। ସେମାନଙ୍କର କାର୍ଯ୍ୟ ବାସ୍ତବ-ସମୟ ରିପୋର୍ଟ ଏବଂ ଭବିଷ୍ୟତର କାର୍ଯ୍ୟକ୍ରମ ଦକ୍ଷତା ପାଇଁ ସୁପାରିଶରେ ପରିପୂର୍ଣ୍ଣ ହେବ, ଯାହା ସିଧାସଳଖ ବୃହତ-ସ୍ତରର ସାର୍ବଜନୀନ ବ୍ୟବସ୍ଥାର ଯୋଜନାରେ ଯୋଗଦାନ ଦେବ। ଏହି ଇଣ୍ଟର୍ନସିପ୍ ଚାଇପାନି ଦ୍ୱାରା ସହଜ କରାଯିବ, ଯାହା ଚଳିତ ବର୍ଷର ଜଗନ୍ନାଥ ରଥଯାତ୍ରାରେ ସାର୍ବଜନୀନ ସୁବିଧା ବୃଦ୍ଧି କରିବା ପାଇଁ ବ୍ରାଣ୍ଡ ସକ୍ରିୟକରଣ ଏବଂ ବ୍ରାଣ୍ଡ ସମନ୍ୱୟ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବରେ ନିଯୁକ୍ତ ବ୍ରାଣ୍ଡିଂ ଏଜେନ୍ସି। ଭାରତରେ ଲଜିଷ୍ଟିକ୍ସ, ସଂସ୍କୃତି, ପ୍ରଣାଳୀ ଏବଂ ମାନବ ଆଚରଣ କିପରି ଅଭୂତପୂର୍ବ ସ୍ତରରେ କାର୍ଯ୍ୟ କରେ ତାହା ଶିଖିବା ପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଏକ ବିରଳ ସୁଯୋଗ। ଭାରତର ସବୁଠାରୁ ପ୍ରତିଭାବାନ ଛାତ୍ରଛାତ୍ରୀ ଏବଂ ଏହାର ସବୁଠାରୁ ଶକ୍ତିଶାଳୀ ତୃଣମୂଳ ସ୍ତରର ବାସ୍ତବତା ମଧ୍ୟରେ ଏକ ସେତୁ ନିର୍ମାଣ କରିବାରେ ଆମେ ସାହାଯ୍ୟ କରିବାକୁ ଗର୍ବିତ,' ବୋଲି ଚାଇପାନିର ପ୍ରତିଷ୍ଠାତା ଶ୍ରୁତି ଚତୁର୍ବେଦୀ କହିଛନ୍ତି।

ରାଷ୍ଟ୍ରୀୟ ଜନଜାତି ଆୟୋଗର ଆଇନ ପରାମର୍ଶଦାତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,(ଡିକେ ନ୍ୟୁଜ): ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ, ମାନବିକ ଅଧିକାରକର୍ମୀ ତଥା ସାମାଜିକ କାର୍ଯ୍ୟକର୍ତ୍ତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ନାୟକ ତାଙ୍କର ଶୋକ ବାର୍ତ୍ତାରେ କହିଛନ୍ତି ଯେ, "ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ସାମାଜିକ କାର୍ଯ୍ୟକର୍ତ୍ତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ । ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗର ସଦସ୍ୟ ଭାବେ ମୁଁ କାର୍ଯ୍ୟ କରୁଥିବା ବେଳେ ସେ ଆୟୋଗର ଆଇନ ପରାମର୍ଶଦାତା ଥିଲେ । ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ ତଥା ନିଷ୍ପେଷିତ ଲୋକ ମାନଙ୍କ ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ । ମା ତାରିଣୀଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ତାଙ୍କ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି ।" ଉଲ୍ଲେଖନୀୟ ଯେ, ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ରାଧାକାନ୍ତ ତ୍ରିପାଠୀ (୫୧)ଙ୍କର ରବିବାର ସକାଳେ ନୂଆଦିଲ୍ଲୀରେ ପରଲୋକ ଘଟିଥିଲା । ପେସାରେ ଆଇନଜୀବୀ ଭାବେ ସେ ନିଷ୍ପେସିତ, ଅସହାୟ ଓ ପୀଡ଼ିତଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲେ। ପୀଡିତଙ୍କ ନ୍ୟାୟ ପାଇଁ ସେ ଜାତୀୟ ମାନବାଧିକାର ଆୟୋଗଙ୍କ ଠାରେ ୧୫ ହଜାରରୁ ଅଧିକ ପିଟିସନ ଦାୟର କରି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍' ଓ 'ଲିମକା ବୁକ ଅଫ ରେକର୍ଡସ'ରେ ନିଜ ନାମ ଦରଜ କରିଥିଲେ। ହୀରାକୁଦ ପ୍ରକଳ୍ପ, କାନପୁର ଜଳ ପ୍ରକଳ୍ପ, ଇନ୍ଦ୍ରାବତୀ ପ୍ରକଳ୍ପ, ସୁକତେଲ ପ୍ରକଳ୍ପ ଆଦି ଜଳସେଚନ ପ୍ରକଳ୍ପରେ ବିସ୍ଥାପିତଙ୍କ ସମସ୍ୟା, ଭଦ୍ରକର ସାଳନ୍ଦୀ ଓ ରେବ-କପାଳୀ ନଦୀ ସଂସ୍କାର ଯୋଜନାର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ମାନବାଧାର ଆୟୋଗରେ ଲଢେଇ କରି ସଫଳ ହୋଇଥିଲେ ସେ। ଏହାବାଦ ଜାତୀୟ ମହିଳା ଆୟୋଗ, ଜାତୀୟ ଅନୁସୂଚିତ ଜାତି ଆୟୋଗ, ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଜାତୀୟ ଶିଶୁ ସୁରକ୍ଷା ଓ ଅଧିକାର ଆୟୋଗ ଭଳି ସଂସ୍ଥାରେ ମାନବାଧିକାର ଉଲ୍ଲଙ୍ଘନ ନେଇ ବହୁ ମାମଲା ଦାୟର କରିଥିଲେ।

ଦୁର୍ନୀତି ବିରୋଧରେ ଶୁନ୍ୟ ସହନଶୀଳତା ନୀତି ଆମ ସରକାରଙ୍କ ସଂକଳ୍ପ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,(ଡିକେ ନ୍ୟୁଜ): ଦୁର୍ନୀତିର ମୂଳପୋଛ କରିବା ପାଇଁ ଆମ ସରକାରର ଅଭିଯାନ ଆରମ୍ଭ ହୋଇଛି । କେହି ବି ବର୍ତ୍ତିବେ ନାହିଁ। ଏହାରି ଭିତରେ ଅନେକ ସରକାରୀ ଅଧିକାରୀ ଅସାଧୁ କାର୍ଯ୍ୟ ପାଇଁ ଭିଜିଲାନ୍ସ ଜାଲରେ ପଡିଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଅନେକ ଅଧିକାରୀ ଗିରଫ ହୋଇକି ଜେଲରେ ଅଛନ୍ତି । ୪ ଓ ୫ ତାରିଖରେ ସମସ୍ତ ଅଧିକାରୀଙ୍କୁ ଡାକି ଦୁର୍ନୀତି ବନ୍ଦ କରିବାକୁ ଚେତାବନୀ ଦେଇଥିଲୁ । ଆଉ ଗତକାଲି ଜଣେ ଆଇଏଏସ୍ ଅଧିକାରୀଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଛି । ଏବଂ ୧୦ ଲକ୍ଷ ଟଙ୍କା ଜଣେ କ୍ରସର ବେପାରୀଙ୍କ ଠୁ ନେବା ଧମକ ଦେଇ ମାଗିଥିଲେ । ପୁଣି ଥରେ କହୁଛୁ ଏବେ ବି ସମୟ ଅଛି ସମସ୍ତେ ସତର୍କ ହୋଇ ଯାଆନ୍ତୁ । କେହି ବର୍ତ୍ତିବେ ନାହିଁ । ଦୁର୍ନୀତି ବିରୋଧରେ ଶୁନ୍ୟ ସହନଶୀଳତା ନୀତି ଆମ ସରକାରଙ୍କ ସଂକଳ୍ପ । ଦୁର୍ନୀତି ଯିଏ କରିବ ସିଏ ଜେଲ ଯିବ । ଯେଉଁଠି ଥିଲେ ବି ବନ୍ଧା ହେବ । ଲୋକମାନେ ଏଥିରେ ଆମକୁ ସହଯୋଗ କରନ୍ତୁ । କେହି ବି ଲାଞ୍ଚ ଦିଅନ୍ତୁ ନାହିଁ । ଲାଞ୍ଚ ନେବା ଯେତେ ବଡ଼ ଅପରାଧ ଦେବା ମଧ୍ୟ ସମ ପରିମାଣର ଅପରାଧ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

ଆଇଏମଡି ଡିଜି ମୃତ୍ୟୁଂଜୟ ମହାପାତ୍ରଙ୍କୁ ଜାତିସଂଘ ତରଫରୁ 'ସାସାକାୱା' ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ହି.ସ): ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର -୨୦୨୫ରେ ସମ୍ମାନିତ ହୋଇଥିବାରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆପଣଙ୍କ ସଠିକ ଆକଳନ ଅଗଣିତ ବହୁମୂଲ୍ୟ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି। ଜଣେ ଓଡ଼ିଆ ଭାବେ ଆପଣଙ୍କର ଏହି ଉପଲବ୍ଧି ଉଭୟ ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ । ଆପଣଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ସ୍ୱିଜରଲାଣ୍ଡର ଜେନିଭାଠାରେ ଜାତିସଂଘ ଡିଜାଷ୍ଟର ରିସ୍କ ରିଡକ୍‌ସନ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇଏମଡିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଜାତିସଂଘ ତରଫରୁ 'ସାସାକାୱା' ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଆସନ୍ନ ବାତ୍ୟା ସମ୍ପର୍କରେ ଲୋକଙ୍କୁ ପ୍ରାକ୍ ସୂଚନା ତଥା ବଙ୍ଗୋପସାଗର ଏବଂ ଆରବ ସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ସମୟରେ ଧନଜୀବନର କ୍ଷତିକୁ ରୋକିବାରେ ଶ୍ରୀ ମହାପାତ୍ରଙ୍କ ଅବଦାନ ଅତ୍ୟନ୍ତ ଉଚ୍ଚପ୍ରଶଂସନୀୟ। ତାଙ୍କର ଅଗ୍ରଣୀ, ଲୋକ-କୈନ୍ଦ୍ରିକ ପୂର୍ବାନୁମାନ ସମଗ୍ର ଦେଶରେ ଅଗଣିତ ବହୁମୂଲ୍ୟ ଜୀବନ ରକ୍ଷା କରିବାରେ ସାବ୍ୟସ୍ତ ହୋଇଛି। ଆମ ରାଜ୍ୟ ତଥା ଦେଶ ପାଇଁ ସେ ଏହିଭଳି ଅନେକ ସମ୍ମାନ ଓ ପୁରସ୍କାର ଆଣନ୍ତୁ, ଏହା ହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ।

ବିଜେପି ସରକାର ବର୍ଷ ପୂର୍ତ୍ତି ପାଳନ ବିଜେପି ବିଧାୟକଙ୍କ ବୈଠକ

ଭୁବନେଶ୍ୱର,(ହି.ସ): ବିଜେପି ସରକାର ବର୍ଷ ପୂର୍ତ୍ତି ପାଳନ ନେଇ ଦଳୀୟ କାର୍ଯ୍ୟାଳୟରେ ବସିଲା ବିଜେପି ବିଧାୟକ ମାନଙ୍କ ବୈଠକ । ରାଜ୍ୟ ସଭାପତି ମନମୋହନ ସାମଲ ଅଧ୍ୟକ୍ଷତାରେ ବୈଠକ ବସିଛି। 'ବର୍ଷ ଏକ ଉପଲବ୍ଧି ଅନେକ' କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ପାଳନ କରିବ ବିଜେପି । ୧୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ବିଜେପି । ବର୍ଷେ ଭିତରେ ସରକାରଙ୍କ ସଫଳତାକୁ ଘରେ ଘରେ ପହଞ୍ଚାଇବାକୁ ବୈଠକରେ ନିଷ୍ପତି ହୋଇଛି। ଏହାସହ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଗତକାଲି ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀ, ବିଧାୟକ ଓ ସାଂସଦ ମାନଙ୍କର ବୈଠକ ନେଇଥିଲେ। ଏକ ବର୍ଷ ପୂର୍ତ୍ତି ପାଳନ ନେଇ ଆଲୋଚନା ହୋଇଥିଲା ଏବଂ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ।

ପୂର୍ବତନ ଆଇ.ଜି. ପୁଲିସ କୁଳମଣି ଦେଓଙ୍କ ଶୋକସଭା

ଭୁବନେଶ୍ୱର,(ଡିକେ ନ୍ୟୁଜ): ପୂର୍ବତନ ଆଇ.ଜି. କୁଳମଣି ଦେଓଙ୍କର ଅକାଳ ବିୟୋଗରେ ଚନ୍ଦ୍ରଶେଖରପୁରସ୍ଥିତ ପୁଲିସ ଭବନରେ ପୂର୍ବତନ ଆଇ.ଜି. ପୁଲିସ ବଟକୃଷ୍ଣ ତ୍ରିପାଠୀଙ୍କ ପୌରାହିତରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ କୁଳମଣି ଦେଓ ଭୁବନେଶ୍ୱରରେ ଡି.ସି.ପି ଓ ଏସ୍.ପି. ଭାବରେ କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ କାର୍ଯ୍ୟ କରୁଥିଲେ । ସେ ଜଣେ ଦୁଃଶାସକ ଓ ଦକ୍ଷ ପୁଲସ ଅଫିସର ଭାବରେ ପରିଚିତ ଥିଲେ । ବାଲେଶ୍ୱରରେ ଏସ୍.ପି. ଥିଲା ସମୟରେ ଏକ ଦୁର୍ଦ୍ଦଶ ଡକାୟତଙ୍କୁ ଧରିବା ସମୟରେ ତାଙ୍କ ଉପରେ ମାରାଣନ୍ତକ ଆକ୍ରମଣ କରାଯାଇଥିଲା । ସେହିଭଳି ୧୯୭୭ ମସିହାରେ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କର କଟକ ଗସ୍ତ ସମୟରେ ସେ ନିଜ ଜୀବନକୁ ବିପନ୍ନକରି ଇନ୍ଦିରାଗାନ୍ଧିଙ୍କୁ ସୁରକ୍ଷା ଦେଇଥିଲେ । ଏହି ଶୋକସଭାରେ ପୂର୍ବତନମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଆନନ୍ଦପୁର ବିଧାୟକ

ସମ୍ପାଦକୀୟ

କାନ୍ଦୁଛି ସିଜିମାଳୀ

ଦିନେ ତିଜ ରାଜାର ସାମ୍ରାଜ୍ୟ ଭାବେ ପୂଜା ପାଉଥିବା ତିଜି ମାଳୀ ବା ସରକାରୀ ଦସ୍ତାବିଜରେ ଥିବା ସିଜିମାଳୀ ନିଜର ପରିଚୟ ହରାଇବାକୁ ବସିଛି। ହେଲେ ନିଜର ସାମ୍ରାଜ୍ୟ ଓ ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ କାନ୍ଦୁଛି ସିଜିମାଳୀ। ପୃଷ୍ଠ ଭୂମିରେ ଆଉ ନାହିଁ ସେ ସବୁଜ ଘଞ୍ଚ ବନାନି ନା ଶୁଣିବାକୁ ମିଳୁନି ବନ୍ୟଜନ୍ତୁଙ୍କ ଚିତ୍କାର। ଯୁଆଡେ ଦୃଷ୍ଟି ବୁଲୁଛି କେବଳ ସମତଳ ଲାଗୁଛି ପାହାଡର ଶିଖର। ସତେ ଲାଗୁଛି ଯେମିତି କେହି ଜଣେ ସବୁଜ ଚଦର ଘୋଡାଇ ଘୋର ନିଦ୍ରାରେ। କିନ୍ତୁ ସେହି ପତଳା ଘାସର ଚଦର ତାକୁ ଆତ୍ମା ତୃପ୍ତି ଦେଇ ପାରୁନାହିଁ। ସୂର୍ଯ୍ୟର ତୀକ୍ଷଣ କିରଣରେ ଅସହ୍ୟ ହେଉଛି ତାହାର ବୁକୁ ନା ତାହାର ବୁକୁ ଚିରି କିଛି ଲୁଣ୍ଠନ ହେବା ନେଇ ଶଙ୍କା ଭାବନା ଘର କରିଛି ତା'ଠାରେ। ସେଥିପାଇଁ କି କାନ୍ଦୁଛି ସେହି ଲଣ୍ଡା ପାହାଡ ସିଜିମାଳୀ।

ଏହାବି ସତ ଅନେକ ଲୋକ କହିବେ ଏହା ହାସ୍ୟାସ୍ପଦ। କେବେ କେଉଁଠି ପାହାଡଟିଏ କାନ୍ଦିଲାଣି କି। ହଁ ଏହାବି ସତ କିନ୍ତୁ ଯଦିଓ କିଛି ଗୋଟେ ବସ୍ତୁକୁ ନେଇ ପିଢୀ ପରେ ପିଢୀ ନିଜର ଆସ୍ଥାନ ଜମାଇବା ସହ ସେହି ଜନବସତି ସହ ଏକ ନିବିଡ ସମ୍ପର୍କ ସୃଷ୍ଟି ହୋଇଯାଇ ଥାଏ ତାହେଲେ ଆମେ ସେଠାରେ ସମ୍ପର୍କର ନିବିଡତାକୁ ଅନୁଭବ କରିପାରିବା। ତାହାର ଅନ୍ତର ବେଦନା ଓ ରୋଦନ ପ୍ରିୟପାତ୍ରଙ୍କ ମନରେ ଶିହରଣ ସୃଷ୍ଟି କରିବା ସହ ଅନୁଭବ କରିବା ଭଳି ଦେଖିବାକୁ ମିଳିବ। ମନେ ହେଉଛି ଏଭଳି କିଛି ସମ୍ପର୍କ ଗଢି ଉଠିଛି ସିଜିମାଳି ଓ ତାର ପରିପାର୍ଶ୍ୱରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ମଧ୍ୟରେ। ଏହି ପାହାଡ଼ରୁ ଶହେରୁ ଅଧିକ ଚିରସ୍ରୋତାର ଉତ୍ସ ବାହାରୁଥିଲା କିଛି ଅଛି ଆଉ କିଛି ବିଲୁପ୍ତ ହୋଇ ଗଲାଣି, ଯାହାର ପାଣିରେ ଆଖପାଖ ଅଞ୍ଚଳର ଜମିକୁ ଜଳସେଚନ କରି ସେମାନଙ୍କର ପେଟପାଟଣାର ମୁଖ୍ୟ ସ୍ରୋତ ବା ଉତ୍ସ ଭାବେ ପରିଲକ୍ଷିତ ହୋଇଥାଏ। ସେହିଭଳି ଏହି ପାର୍ବତ୍ୟ ଇଲାକାରେ ବସବାସ କରୁଥିବା ଆଦିମ ଆଦିବାସୀ ସଂପ୍ରଦାୟର ଜନଜାତି ସେମାନଙ୍କର ଚିକିତ୍ସା ପଦ୍ଧତିରେ ବ୍ୟବହାର କରୁଥିବା ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ତଥା ଜୈବ ବିବିଧ ବୃକ୍ଷ ଆଜି ମଧ୍ୟ କିଛି ମାତ୍ରାରେ ଦେଖିବାକୁ ମିଳୁଛି। ଯାହାକି ବିଜ୍ଞାନ ଯୁଗରେ ମଧ୍ୟ ଏହି ଆୟୁର୍ବେଦିକ ଚେରମୂଳି ଆଧୁନିକ ଚିକିତ୍ସା ପଦ୍ଧତି ଠାରୁ ଢେର ଆଗରେ।

ଏଭଳି ସ୍ଥିତିରେ ଆଜି ଅନେକ ପାହାଡ ନିଜର ଅସ୍ତିତ୍ୱକୁ ହରାଇବା ସହ ଘଞ୍ଚ ଜଙ୍ଗଲରୁ ଲଣ୍ଡା ପାହାଡକୁ ପରିବର୍ତ୍ତିତ ହୋଇଯାଇଛି। ଦିନେ ଘଞ୍ଚ ଜଙ୍ଗଲ ସହ ଅନେକ ଜୀବଜନ୍ତୁଙ୍କ ଚରାଭୂଇଁ ପାଲଟିଥିବା ଲଣ୍ଡା ପାହାଡରେ ନାହିଁ ଆଉ ସେ ରୂପରେଖ। ଦୃଶ୍ୟମାନ ହେଉଛି ଲଣ୍ଡା ପାହାଡଟିଏ ମୁଣ୍ଡ ଟେକି ଛିଡା ହୋଇଛି। ତାହାବି ଅନେକ କିଛି ଅମୂଲ୍ୟ ମାନବ ସଂସାଧନକୁ ଆଶ୍ରୟ ଦେଇ। ସିଜିମାଳୀ କିନ୍ତୁ କାନ୍ଦୁଛି ଏହାର ପ୍ରତିଟି ମୂହୁର୍ତ୍ତକୁ ଅନୁଭବ କରି ପାରୁଛନ୍ତି ସେହି ଅଞ୍ଚଳରେ କାହିଁ କେଉଁ କାଳରୁ ବସତି କରୁଥିବା ଆଦିବାସୀ ସଂପ୍ରଦାୟର ଲୋକେ ତଥା ଆଦିମ ଜନଜାତି ଶ୍ରେଣୀର ଲୋକେ। ଆଜି ମଧ୍ୟ ଏହାର ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପେଟପାଟଣା ପୋଷୁଥିବା ସହ ସେଠାରୁ ନିର୍ଗତ ଝରଣା ପାଣିରେ ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରୁଛନ୍ତି ଏହି ଆଦିମ ଜନଜାତୀୟ ଏହି ଝରଣାର କୁଳୁକୁଳୁ ନାଦ ଏକ ଅପୂର୍ବ ପରିବେଶ ସୃଷ୍ଟି କରିବା ସହ ମନରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣର ଅନୁଭବ ସୃଷ୍ଟି କରିଥାଏ। ଯାହାକିଆଉ କିଛି ଦିନର ବ୍ୟବଧାନ ପରେ ସ୍ୱପ୍ନରେ ପରିଣତ ହେବା ନେଇ ଏକ ପ୍ରକାର ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଯାହାର ବୁକୁରେ ଭରି ହୋଇ ରହିଛି ଅମାପ ସମ୍ପଦର ଭଣ୍ଡାର। ଏହାର ବୁକୁ ଚିରି ଭିତରେ ଥିବା ଖଣିଜ ସମ୍ପଦକୁ ଟାଣି ନେବାକୁ ଉଦ୍ୟମ ହୋଇଛି। ଚିତ୍କାର କରୁଛି ଅନେକ କହୁଛି ବୁକୁ ଚିରିଦେଲେ ମୋର ଅସ୍ତିତ୍ୱ ଆଉ ପରିଚୟର କ'ଣ ହେବ। ଏହାର ଉତ୍ତର କାହା ପାଖରେ ରହିଛି, ନା କାରଣ ଏଠି ସ୍ୱାର୍ଥର ସର୍ବଦା ଜିତାପଟ। ହେଲେ ମଧ୍ୟ କିଛି ନିସ୍ୱାର୍ଥପର ଓ ପରିବେଶ ପ୍ରେମୀ ଅହରହ ସଂଗ୍ରାମ କରି ଆସୁଛନ୍ତି। କିନ୍ତୁ ଫଳାଫଳ ଯାହାବି ହେଉ ନା କାହିଁକି ଅସରାଏ ଦୁଃଖର ବୋଝ ବୋହିବାକୁ ପଡିବ ସେହି ଲଣ୍ଡା ପାହାଡ ସିଜିମାଳୀକୁ ସେଥି ପାଇଁ କାନ୍ଦୁଛି ଲଣ୍ଡା ପାହାଡ।

ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

ଅକ୍ଷୟ କୁମାର ରାଉତ

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି



ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

ପାରାଦ୍ୱୀପଗଡ଼, ମୋ: ୯୯୩୭୬୯୧୪୭୫

ସର୍ବୋତ୍ତମ ମୁକାବିଲା ଲୋଡା

ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ କୋରୋନା ଭୂତାଣୁ ସଂକ୍ରମଣ ଏବେ ୬ହଜାର ଅତିକ୍ରମ କରିସାରିଲାଣି। ସେହିପରି ମୃତ୍ୟୁ ସଂଖ୍ୟା ମଧ୍ୟ ୪୦ ଟପି ଗଲାଣି। କେବଳ ଏତିକି ନୁହେଁ, ପ୍ରତିଦିନ ମୃତ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ପ୍ରତିଦିନ ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏବେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରେ ପହଁଚିଥିବାବେଳେ ଆଶ୍ୱସ୍ତିକର ଏହା ଯେ ଦୈନିକ ମୃତ୍ୟୁ ସଂଖ୍ୟା ଏକକ ଅଙ୍କରେ ସୀମିତ ରହିଛି। ତେବେ ଯେତେବେଳେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଚାରିଅଙ୍କର ପହଁଚିଥାଏ, ସେତେବେଳେ ଉଦ୍‌ବେଗଜନକ ବା ଚିନ୍ତାର କାରଣ ହୋଇଥାଏ। ୧୪୪କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶରେ ବର୍ତମାନ ସଂକ୍ରମଣ ଏବେ ନଗଣ୍ୟ ସ୍ଥିତିରେ ରହିଛି। କିନ୍ତୁ କୋରୋନା ଭୂତାଣୁ ୨୦୨୦ ମସିହାରେ ସମସ୍ତ ସତର୍କତା ସତ୍ତ୍ୱେ ଯେପରି ସ୍ୱଳ୍ପ ସମୟ ମଧ୍ୟରେ ଶିଖରରେ ଅର୍ଥାତ ୫ଲକ୍ଷ ମୁହାଁ ହୋଇଥିଲା, ତାହାକୁ ଭୁଲିଯିବା ଉଚିତ୍ ନୁହେଁ। ଏହା ନିସନ୍ଦେହ ଯେ, ମହାମାରୀ କୋରୋନା ଆମକୁ ମହାନ ଶିକ୍ଷା ଦେଇଛି। ସେହି ଶିକ୍ଷା ଓ ଅଭିଜ୍ଞତାକୁ ଆଧାର କରି ଆମକୁ ଏହାର ମୁକାବିଲା କରିବାକୁ ହେବ। କହିବା ବାହୁଲ୍ୟ ଯେ, ୨୦୨୦ ମସିହାରେ କୋରୋନା ଭୂତାଣୁ ସମ୍ପର୍କରେ ଜନସାଧାରଣ ଅନଭିଜ୍ଞ ଥିଲେ। ଏହାର ମୁକାବିଲା ପାଇଁ ଯେଉଁଭଳି ତାଲାବନ୍ଦ ଠାରୁ ଆରମ୍ଭ କରି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା ଏବଂ ଏହା ସତ୍ତ୍ୱେ ଦୈନିକ ମୃତା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିଲା, ତାହା ଆତଙ୍କଜନିତ ସ୍ଥିତି ଉପଜାଇ ଥିଲା। ଜନସାଧାରଣ ଆତଙ୍କିତ ଅବସ୍ଥାରେ ଥିଲେ। ସେତେବେଳେ ସରକାରଙ୍କ ଠାରୁ ଆରମ୍ଭ କରି ଚିକିତ୍ସକ, ସେବିକା, ଜନସାଧାରଣ ସମସ୍ତେ ଆତଙ୍କ ମଧ୍ୟରେ ଥିଲେ। ଆହୁରି ମଧ୍ୟ ସେତେବେଳେ ୫କୋଟିରୁ ଅଧିକ ଲୋକ କୋରୋନାରେ ସଂକ୍ରମିତ ହୋଇଥିବାବେଳେ ସରକାରୀ ରିପୋର୍ଟ ଅନୁଯାୟୀ ଦେଶରେ ୫ଲକ୍ଷ ୩୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏବଂ ଜାତିସଂଘର ରିପୋର୍ଟରେ ଦେଶର କୋରୋନା ମୃତ୍ୟୁ ସଂଖ୍ୟା ଏହାଠାରୁ ବହୁଗୁଣ ଅଧିକ ହୋଇଥିବା କୁହାଯାଇଛି। ତେବେ ମୃତ୍ୟୁ ସଂଖ୍ୟା ଏହାଠାରୁ ବହୁ ଗୁଣ ଅଧିକ ହୋଇଥିବା କୁହାଯାଇଛି। ତେବେ ମୃତ୍ୟୁ ସଂଖ୍ୟା, ଯାହା ହେଉ, ଏହା ନିଶ୍ଚିତ ଯେ, ମହାମାରୀ କୋରୋନା ବିଶ୍ୱରେ ଘାତକ ଥିଲା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହାର ମୁକାବିଲା ପାଇଁ ଦେଶରେ ମୋଟ ଜନସଂଖ୍ୟାର ୭୦ପ୍ରତିଶତରୁ ଅଧିକ ପ୍ରତିଷେଧକ ମୂଳକ ତିନି ପର୍ଯ୍ୟାୟ ଟୀକା ନେଇସାରିଛନ୍ତି। ଏବେ କୋରୋନା ସଂକ୍ରମଣ ଋତୁଭିତିକ ସଂକ୍ରମଣ ତୁଳନାରେ ସାମାନ୍ୟ ଅଧିକ ରହିଛି। ତେଣୁ ଆତଙ୍କିତ ହେବାରେ କୌଣସି କାରଣ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ଏହା କୁହାଯାଇପାରିବ ନାହିଁ ଯେ, ଯୁଦ୍ଧକାଳୀନ ଭିତିରେ ଚୂଡାନ୍ତ ପ୍ରସ୍ତୁତି ଓ ମୁକାବିଲା ପାଇଁ ଏବେ ସମୟ ଆସିନାହିଁ। କିନ୍ତୁ ଏହା ସତ୍ୟ ଯେ, ଦେଶରେ ଏବେ ଦୈନିକ ସଂକ୍ରମିତ ଏବଂ ମୃତ୍ୟୁ ସଂଖ୍ୟା ବଢିଚାଲିଛି। କୋରୋନା ଯୋଗୁଁ ମୃତ୍ୟୁ କିମ୍ବା ନୁହେଁ ତାହା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୃଷ୍ଟିକରି ନାହିଁ, ବହୁମୁଖୀ ରୋଗରେ ପିଡିତ ବହୁ ଆକ୍ରାନ୍ତ ମୃତ୍ୟୁବରଣ କରିଥିବା କୁହାଯାଇଛି। ଉଚ୍ଚ ରକ୍ତଚାପ, ମଧୁମେହ, ହୃଦରୋଗୀ, ମୋଟାପଣ, କିଡନୀ ରୋଗୀ, କର୍କଟ ପିଡିତ ଏବଂ ୬୦ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ କୋରୋନା ଘାତକ ସାବିତ। ଏହା ନିଶ୍ଚିତ ଯେ, ଟିକିଏ ନିଆଁରୁ ଘର ପୋଡିବା ପରି ସାମାନ୍ୟ ଅବହେଳାରୁ କୋରୋନା ମହାମରୀ ରୂପ ନେଇପାରେ, ଯାହା ଆମକୁ ଅତୀତ ଶିକ୍ଷା ଦେଇଛି। ଅବଶ୍ୟ ଇତି ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କେତେକ ମାର୍ଗଦର୍ଶିକା ଜାରି କରିଛି। ଭିଡ ସ୍ଥାନରେ ମାସ୍କ୍ ପିନ୍ଧିବା, ଭିଡକୁ ଏଡାଇବା, ବାରମ୍ବାର ହାତ ଧୋଇବା ଏବଂ ସାମାନ୍ୟ ଲକ୍ଷଣ ଥିଲେ, ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଇଛି। କିନ୍ତୁ ଏହା ନିଶ୍ଚିତ ଯେ, କୋରୋନାର ଅନ୍ତ ଘଟିବ ପରାମର୍ଶ ଦେଇଛି। କିନ୍ତୁ ଏହା ନିଶ୍ଚିତ ଯେ, କୋରୋନାର ଅନ୍ତ ଘଟିବ ନାହିଁ, ଆମକୁ କୋରୋନା ସହ ବଂଚିବାକୁ ହେବ। ଏଥିଲା

ଜଟଣୀ ବ୍ଲକ୍‌କୁ ୫୦ ଲକ୍ଷର ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦେଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ

ଜଟଣୀ,(ଡିକେ ନ୍ୟୁଜ୍): ଏକ ବର୍ଷ ପରେ ଗାଁରେ ପଲଟିକାଲ ଅଡିଟ୍ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଲଟିକାଲ ଅଡିଟ୍ ଦ୍ୱାରା ଗାଁରେ ଅଟକି ରହୁଥିବା ଉନ୍ନୟନ ମୂଳକ କାର୍ଯ୍ୟର ଶୀଘ୍ର ତ୍ୱରାନ୍ୱିତ ହୋଇପାରିବ। ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଅବସରରେ ଏହା କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଜଟଣୀ ବ୍ଲକକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଦେଇଛନ୍ତି ଭେଟି। ଜଟଣୀ ବ୍ଲକର କୁସୁମାଟି ପଞ୍ଚାୟତ ଅନ୍ତର୍ଗତ ଛଣଘର ଠାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦ। ଏହି ପ୍ରକଳ୍ପ ଦ୍ୱାରା ୨୦ ହଜାର ଲୋକ ଉପକୃତ ହେବେ। ଏକ

ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାସ୍ତା, ପାନୀୟ ଜଳ ଏବଂ ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ସାଂସଦ କହିଥିଲେ ଯେ ଗାଁ ଗାଁରେ ଅନେକ ଗୁଡ଼ୁଏ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କରାଯାଉଛି । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶମୂଳକ କାର୍ଯ୍ୟ କିପରି ହେବ ତାହା ତାଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ପ୍ରତ୍ୟକ ଘରକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ପହଞ୍ଚାଇବା ମୂଳ ଲକ୍ଷ୍ୟ। ଆଗାମୀ ୪ ବର୍ଷରେ ଏହି ଲକ୍ଷ୍ୟକୁ ପୁରଣ କରାଯିବ। ୨୦୧୯ ପରେ ୨୦୨୪ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଲୋକଙ୍କ ସେବା କରିବାର ସୁଯୋଗ ତାଙ୍କୁ ମିଳିଛି। ଏଥିପାଇଁ ସେ ଗର୍ବିତ ଏବଂ ଅଞ୍ଚଳବାସୀଙ୍କ ଋଣ ପରିଶୋଧ କରିବେ ବୋଲି ସେ କହିଥିଲେ। ତେବେ ଉଦ୍‌ଘାଟନୀ ଅବସରରେ ଏକ ବଡ଼ କଥା କହିଥିଲେ ସାଂସଦ ଅପରାଜିତା । ତେବେ ବିକାଶର କୌଣସି ଦଳ ନଥାଏ ଏବଂ ଦଳମତ ନିର୍ବିଶେଷରେ ଗାଁର ବିକାଶରେ ସାମିଲ ହେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସୂଚନା ଯୋଗ୍ୟ ଯେ, କୁସୁମାଟି ପଞ୍ଚାୟତର ଅନେକ ଗୁଡ଼ିଏ ଗାଁ କୁ ଭଲ ରାସ୍ତା ନଥିଲା। ଅନେକ ଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ଆଜି ତାହା ପୂରଣ ହୋଇଛି । ରାସ୍ତା, ପାନୀୟ ଜଳ ଏବଂ ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି । ଏଥିପାଇଁ ସାଂସଦଙ୍କୁ ପ୍ରଶଂସା କରିଛନ୍ତି ପଞ୍ଚାୟତବାସୀ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସରପଞ୍ଚ ଶୁଭାଷୀନି ବିଶ୍ୱାଳ, ସମିତି ସଭ୍ୟ ହରମୋହନ ଏବଂ ଜଟଣୀ ବିଡ଼ିଓ ଉପସ୍ଥିତ ଥିଲେ।

ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ବୁଗୁଡ଼ା,(ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗୋଲାମୁଣ୍ଡଳା ଠାରେ ୧୩ ଗୋଟି ଧାନ କ୍ରୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ବୁଗୁଡ଼ା ଓ ପୋଲସରା ବ୍ଲକରେ ହେବାକୁ ଥିବା ୧୩ ଗୋଟି ଧାନ କ୍ରୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ କରିଥିଲେ। ଦେଶକୁ କୃଷି ପ୍ରଧାନ ଦେଶରୁ କୃଷି ସମୃଦ୍ଧ ଦେଶରେ ପରିଣତ କରିବା ପାଇଁ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସର୍ବଦା ତତ୍ପର ରହିଥିବା ବେଳେ ଏହି ପ୍ରୟାସକୁ ଆହୁରି ସୁଦୃଢ କରିବା ପାଇଁ ଆଜି ବୁଗୁଡ଼ା ବ୍ଲକ୍‌ର ବି.କରଡାବାଡି, ଗୋଲିଆ, ଅନ୍ତରପଡା, କରଚୁଲି, ମୋଟାବାଡି, ବିରଞ୍ଚିପୁର, ପାଙ୍ଗିଡି, ଖୋଳଖାଳି, ବାଲିପଦର, ବୁଗୁଡ଼ା, ଗୋଳାବନ୍ଧ ପ୍ରଭୃତି ୧୧ ଗୋଟି ଗ୍ରାମରେ ଧାନ କେନ୍ଦ୍ର ଗୁଡିକରେ ଅତ୍ୟାଧୁନିକ ସୁବିଧା ସହିତ, ଚାଷୀଙ୍କ ବିଶ୍ରାମ, ଧାନର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଇ କରାଯିବାର ବ୍ୟବସ୍ଥା ରହିଥିବା ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସିକା ସମବାୟ ସମିତି ନିର୍ଦ୍ଦେଶକ ନନ୍ଦିନୀ ଭୂୟାଁ, ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ରଂଜନ ପ୍ରଧାନ, ପୂର୍ବତନ ନିର୍ଦ୍ଦେଶକ ରବିନ୍ଦ୍ର ପରିଡ଼ା, ନଗର ସଭାପତି କେଦାରନାଥ ମହାରଣା, ହରିହର ସାହୁ, ଆମ୍ବାର ଅଧ୍ୟକ୍ଷ ସନ୍ତୋଷ ସାହୁ, ବସନ୍ତ ସାହୁ, ବସନ୍ତ ସାମଲ, ବବୁଲ ନାୟକ, ମଦନ ଗୋପାଳ ଦୋରା, ପୋଲସରା ପୂର୍ତ୍ତବିଭାଗ ଅଧ୍ୟକ୍ଷଣ ଯନ୍ତ୍ରୀ ସତ୍ୟରଞ୍ଜନ ପରିଡା, ସହକାରୀ ଯନ୍ତ୍ରୀ ରାମକୃଷ୍ଣ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ପୃଷ୍ଟି ସମେତ ବୁଗୁଡ଼ା ସମବାୟ ସମିତିର ସମସ୍ତ ସମ୍ପାଦକ ଉପସ୍ଥିତ ଥିଲେ।

୮୦ ପ୍ରତିଶତ କାର୍ଯ୍ୟ ସରିଲାଣି: ଆଇନ ମନ୍ତ୍ରୀ

ପୁରୀ,(ଡିକେ ନ୍ୟୁଜ୍): ମହାପ୍ରଭୁ ନିଜେ ନିଜ କାର୍ଯ୍ୟ କରନ୍ତି। ଆମେ କେବଳ ପରମ୍ପରକୁ ସହଯୋଗ କରିଥାଉ। ରଥଯାତ୍ରା ପାଇଁ ପ୍ରାୟ ୮୦ ଭାଗ କାର୍ଯ୍ୟ ଶେଷ ହୋଇଗଲାଣି। ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ଶେଷ ହେବ। ଦେବସ୍ନାନ ପାଇଁ ସରକାର ଓ ପ୍ରଶାସନ ଚୂଡାନ୍ତ ପ୍ରସ୍ତୁତି କରୁଛନ୍ତି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଚଳିତ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ପରେ ଏହି ସୂଚନା ଦେଇଛନ୍ତି। କୋଭିଡ ଲକ୍ଷଣ ଥିଲେ ପୁରୀ ନ ଆସିବା ଭଲ। ପୁଣି ଦେଶ ଓ ରାଜ୍ୟରେ କୋଭିଡ ସଂକ୍ରମଣ ବ୍ୟାପୁଛି । ଏହି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେଉଥିବାରୁ ଯେଉଁମାନଙ୍କଠାରେ କୋଭିଡ ଲକ୍ଷଣ ରହିଛି, ସେମାନେ ପୁରୀ ନଆସିବା ଭଲ। ଅସୁସ୍ଥଥିଲେ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଆଜି ରଥଯାତ୍ରା ସମନ୍ୱୟ ବୈଠକ ଶେଷ ହେବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ଏହା କହିଛନ୍ତି । ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ୩୦୦ ଡାକ୍ତର ନିୟୋଜିତ ହେବେ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ବସଷ୍ଟାଣ୍ଡରୁ ବଡଦାଣ୍ଡ ପର୍ଯ୍ୟନ୍ତ ମାଗଣା ଅଟୋସେବା : ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ପାଇଁ ତାଳ ବଣିଆରେ ଅସ୍ଥାୟୀ ବସଷ୍ଟାଣ୍ଡ କରାଯିବ। ଭକ୍ତଙ୍କ ଲାଗି ବସଷ୍ଟାଣ୍ଡରୁ ବଡଦାଣ୍ଡ ପର୍ଯ୍ୟନ୍ତ ମାଗଣା ଅଟୋସେବା ହେବ ବୋଲି ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପୁରୀକୁ ୨୫୦ ଟି ବସ୍ ଚଳାଚଳ କରିବା ନେଇ ସ୍ୱତନ୍ତ୍ର ପରମିଟ ଦିଆଯିବ ସହ ରେଟ୍ ଚାର୍ଟ ଲଗାଯିବ ବୋଲି ରଥଯାତ୍ରା ପ୍ରସ୍ତୁତି ବୈଠକରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୂଚନା ଦେଇଛନ୍ତି। ରଥଯାତ୍ରା ପାଇଁ ଚଳିତ ବର୍ଷ ଏଆଇର ବ୍ୟବହାର କରାଯିବ।

ରାସ୍ତ ଅବସ୍ଥା ଶୋଚନୀୟ

ଯାଜପୁର,(ଡିକେ ନ୍ୟୁଜ୍): ବରୀ ବରୁଆଁ ଏମଡିଆର ରାସ୍ତା ଚୁଡାକଳ ଛକ ଠାରୁ ଭୁରୁଗାଁ ଛକ ରାସ୍ତା ବାମ ପାର୍ଶ୍ୱରେ ଅଣ୍ଡରଗ୍ରାଉଣ୍ଡ ପାଇପ୍ ବିଛାଇବା ପାଇଁ ଠିକା ସଂସ୍ଥା ମାଟି ତାଡି ରାସ୍ତା ଜାମ କରିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡି ଯିବା ଆସିବା କରିଥାଏ। ଏପରିକି ଲୋକମାନେ ମଧ୍ୟ ଯାତାୟାତ କରିଥାନ୍ତି। ବର୍ଷା ଯୋଗୁଁ ବର୍ତ୍ତମାନ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଯାହାକି କେବେ ବି ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରେନା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଫରେଷ୍ଟରଙ୍କ ବିବାଦୀୟ ଭାଇରାଲ୍ ଅଡିଓ ନିଜ ପାଇଁ ପଡିଲା ମହଙ୍ଗା: ଡ଼ିଏଫଓ କଲେ ନିଲମ୍ବନ

ସମ୍ବଲପୁର,(ଡିକେ ନ୍ୟୁଜ୍): ଏଟା ପାହାଡ଼ ଚଢ଼ା ଡିଏଫ୍‌ଓ ନାଇଁସେ, କାଏଁ ଡର୍ ? ଯେତେବେଳେ ନିଲାମ୍ବରମ୍ ସାର ଥିଲେ, ସେ ନ ପାହାଡ଼ ଚଢ଼ା ଲୋକ ଥିଲେ। ଏଇ ନ ପହାଡ଼ ବଢ଼ା ଲୋକ ନୁହେଁ ଅନ୍ । ଆମର ଏସିଏଫ୍ ବି ଅଧା ଦୂରେ ଅଟକିଗଲେ। ଯଦି, ଯେତେବେଳେ ନିଲାମ୍ବରମ୍ ସାରଙ୍କୁ ଠକି କରି ନେଇ ଯାଇଛନ୍, ଏଇଟା ନ ଛାଡ଼...ଭଳି ବିଭନ୍ନ ହାସ୍ୟମ୍ବକ କଥା କହି ସମ୍ବଲପୁର ଡିଏଫଓଙ୍କ ଅଧିନରେ କାର୍ଯ୍ୟରତ ଜଣେ ମହିଳା ଫରଷ୍ଟର ଜଣେ ରାତ୍ର ଜଗୁଆଳିଙ୍କୁ ଦୁର୍ନୀତି କରିବାକୁ ବାଧ୍ୟ କରୁଥିବା ଅଡିଓ ଭିଡିଓ ନିଜ ପାଇଁ ପଡିଛି ମହଙ୍ଗା। ରାତ୍ର ଜଗୁଆଳିଙ୍କୁ ସଦର ରେଞ୍ଜ୍ ଝାଙ୍କରପାଲି ଫରେଷ୍ଟର୍ ସୁଚରିତା ମେଣ୍ଡାଳିଙ୍କ ଦୁର୍ନୀତି ପାଠ ନିଳାମ୍ବରମ୍ ଥିବାବେଳେ ବି ଠକିଥିଲେ। ଏବେ କିଏ କଣ କରିବ ? ବୋଲି ଯେଉଁ ଭରସା ସେ ରାତ୍ର ଜଗୁଆଳିଙ୍କୁ ଦେଉଥିଲେ

ସେହି ଭରସା ଜାଲରେ ନିଜେ ଛନ୍ଦି ହୋଇପଡି ହେଡ୍‌କ୍ୱାର୍ଟରରେ ରହିବାକୁ ଏବେ ନିର୍ଦ୍ଦେଶ ଆସିଛି। ସୂଚନା ଯୋଗ୍ୟଯେ, ସଦର ରେଞ୍ଜ ଝାକରପାଲି ସେକ୍ସନ ମୁଣ୍ଡେଲ ବିଟ୍‌ରେ ଜଣେ ରାତ୍ର ଜଗୁଆଳିଙ୍କୁ ଦୁର୍ନୀତି କରିବାକୁ ପାଠ ପଢ଼ାଇଛନ୍ତି। ଦୁର୍ନୀତି ଧରାପଡ଼ିଥିବା ନେଇ ଭୟ କରୁଛନ୍ତି ଜଗୁଆଳି । ହେଲେ ତାଙ୍କୁ ଦୁର୍ନୀତି କରିବାକୁ ବାଧ୍ୟ କରୁଥିଲେ ଫରେଷ୍ଟର। ବାଉଁଶ ବୁଦା ସଂରକ୍ଷଣ ପାଇଁ ମାଟି ପଥର ରଖି ବାଉଁଶ ବୁଦାକୁ ସଂରକ୍ଷିତ ରଖାଯାଇଥାଏ। ହେଲେ ଏହା ନ କରି ଯେଣେ ତେଣେ କାମ ଚଳାଇ ଦେବାକୁ କହି ବାକି ସବୁ ମୋର କାମ ବୋଲି ରାତ୍ର ଜଗୁଆଳିଙ୍କୁ ବୁଝାଇ ସେ ହିଁ ସର୍ବକର୍ତ୍ତା ବୋଲି ଏହି ଅଡିଓ କଲରେ କହିଥିବା ଲୋକ ଲୋଚନକୁ ଆସିଥିଲା। ଏ ମୋବାଇଲରୁ ସେ ମୋବାଇଲକୁ ଡେଉଁଥିବା ଏହି ଅଡିଓକୁ ସମ୍ବଲପୁର ସଦର ଡ଼ିଏଫଓ ଜ୍ଞାତ ସାରକୁ ଯିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଝାଙ୍କରପାଲି ଫରେଷ୍ଟର ସୁଚରିତା ମେଣ୍ଡାଳିଙ୍କୁ ନିଲମ୍ବନ କରାଯାଇ ଏହି ସମୟରେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ରହିବାକୁ ଡ଼ିଏଫଓ ଆଦେଶ ଦେଇଥିବା ନୋଟିସ ପ୍ରକାଶ ପାଇଛି।

ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ ପାଳିଲା ବିଜେପି ଆଦିବାସୀ ମୋର୍ଚ୍ଚା

କେନ୍ଦୁଝର,(ଡିକେ ନ୍ୟୁଜ୍): ଧରତୀ ଅବା ଭଗବାନ ବିର୍ସା ମୁଣ୍ଡାଙ୍କର ୧୨୫ ତମ ଶହୀଦ ଦିବସ ଉପଲକ୍ଷେ ଭବ୍ୟ କାର୍ଯ୍ୟକ୍ରମ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କଲା କେନ୍ଦୁଝର ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚା। ବିର୍ସା ମୁଣ୍ଡା ୧୮୫୭ ମସିହା ନଭେମ୍ବର ୧୫ ତାରିଖରେ ଝାରଖଣ୍ଡର ରାଞ୍ଚି ଜିଲ୍ଲାର ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମୁଣ୍ଡା ଜନଜାତିରେ ଜନ୍ମ ହୋଇଥିଲେ। ବିର୍ସା ମୁଣ୍ଡା ଚାଇଁବାସାର ଇଂରାଜୀ ମଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧ ଅକ୍ଟୋବର ୧୮୯୪ରେ ସମସ୍ତ ମୁଣ୍ଡା ଜନଜାତିର ଲୋକଙ୍କୁ ସଂଗ୍ରହ କରି ବିର୍ସା ମୁଣ୍ଡା ଦୁର୍ଭିକ୍ଷ ଏବଂ ମହାମାରୀ ବିନାଶ ହେତୁ ବ୍ରିଟିଶ ମାନଙ୍କଠାରୁ କର ଛାଡ କରିବାକୁ ଆନ୍ଦୋଳନ କରିଥିଲେ। ଦୁର୍ଭିକ୍ଷର ଶିକାର ହେଇଥିବା ଲୋକଙ୍କୁ ସାହାଯ୍ୟ କରୁଥିବା ବିର୍ସା ମୁଣ୍ଡାଙ୍କ ଖ୍ୟାତି ଏବଂ ଲୋକପ୍ରିୟତା ବଢି ବାକୁ ଲାଗିଥିଲା । ତାଙ୍କର ଅଦମ୍ୟ ସାହସ ଏବଂ ବଳିଦାନ ପାଇଁ ତାଙ୍କୁ ସମସ୍ତ ଆଦିବାସୀମାନେ ଭଗବାନ ସ୍ୱରୂପ ମାନିଥାନ୍ତି। ଏହି ଅବସରରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅର୍ଶଳା ଗ୍ରାମ ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ଶତାଧିକ ବିଜେପି ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ଉପସ୍ଥିତିରେ ବିଜେପି ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଭାପତି କମଳାକାନ୍ତ ସିଂହ ଏବଂ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ନାଏକ ଏବଂ ମାଟୁରାମ ମୁଣ୍ଡା, ଅର୍ଶଳା ଗ୍ରାମ ପଞ୍ଚାୟତର ସରପଞ୍ଚ ହେମଲତା ନାଏକ, ସହୀଦ ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ଶିବ ଚରଣ ପୂର୍ତ୍ତୀ, ଆଦିବାସୀ ମୋର୍ଚ୍ଚା କେନ୍ଦୁଝର ନଗର ମଣ୍ଡଳ ସଭାପତି ସୁଶୀଲ କୁମାର ନାଏକ, ଏସି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ସେଠୀ, ଝୁମ୍ପୁରା ବ୍ଲକ ହୋ ସମାଜର କୋଷାଧକ୍ଷ ମାର୍ଶାଲ ଆକାଳା, ହୋ ସମାଜ ମୁଖିଆ ସୁଦାମ ମୁଣ୍ଡା ପ୍ରମୁଖ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବିଜେପି ନଗର ମଣ୍ଡଳ ଉପସଭାପତି ଦୁର୍ଯ୍ୟୋଧନ ସାହୁ, କେନ୍ଦୁଝରଗଡ଼ ପୌରପାଳିକା ପ୍ରତିନିଧି ସତ୍ୟନାରାୟଣ ବାରିକ, ଝୁମ୍ପୁରା ସରପଞ୍ଚ ତପନ କୁମାର ନାଏକ, ନାରଦପୁର ସରପଞ୍ଚ ହେମନ୍ତୀ ମୋଦି, ସହୀଦ ବିର୍ସା ମୁଣ୍ଡା ୟୁଥ କ୍ଲବର ମହିଳା ନେତ୍ରୀ ସାବିତ୍ରୀ ଆଲାଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସହୀଦ ବିର୍ସା ମୁଣ୍ଡା ୟୁଥ କ୍ଲବର ସମ୍ପାଦକ ଡମ୍ବୁରୁଧର ତିରିଆ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାରୋପ କରିଥିଲେ।

ଦୁର୍ଘଟଣାରେ ଆହତଙ୍କୁ ଏସକର୍ଟ ଗାଡିରେ ମେଡିକାଲ ପଠାଇଲେ ମନ୍ତ୍ରୀ

ପୁରୀ,(ଡିକେ ନ୍ୟୁଜ୍): ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମନ୍ତ୍ରୀ ନିଜ ଏସକର୍ଟ ଗାଡିରେ ଦୁର୍ଘଟଣାରେ ଆହତ ଜଣେ ଯୁବକଙ୍କୁ ମେଡିକାଲ ପଠାଇ ନିଜେ ସାଧାରଣ ଗାଡିରେ ଯିବା ଘଟଣା କଣାସ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମନ୍ତ୍ରୀ ଜେନାଙ୍କ ଏଭଳି ମହତ ପଣିଆକୁ ଲୋକମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ପୁରୀରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଜେନା ଜଗନ୍ନାଥ ସଡକ ଦେଇ ଗଞ୍ଜାମ ଫେରୁଥିଲେ। ଜଗନ୍ନାଥ ସଡକର ପୁରୀ ଜିଲ୍ଲା କଣାସ ବ୍ଲକ୍ ଅଣ୍ଡାଳସିଂଠାରେ ଗୋଟିଏ ଟ୍ରକ ସହ ମୋଟର ସାଇକେଲର ଧକ୍କା ହେବା ପରେ ବାଇକ୍ ଚାଳକ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ମନ୍ତ୍ରୀ ସମ୍ପୃକ୍ତ ସ୍ଥାନରେ ଅଟକି ଆହତ ବ୍ୟକ୍ତିଙ୍କୁ ତାଙ୍କ ସହିତ ଯାଉଥିବା ଏସକର୍ଟ ଗାଡିରେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ପରେ ସେଠାରେ ରାସ୍ତାରୋକ କରିଥିବା ଲୋକଙ୍କୁ ବୁଝାଇ ରାସ୍ତାରୋକ ହଟାଇ ମନ୍ତ୍ରୀ ଶେଷରେ ବିନା ଏସକର୍ଟରେ ଗଞ୍ଜାମ ଅଭିମୁଖେ ଯାତ୍ରା କରିଥିଲେ। ଉପସ୍ଥିତ ଲୋକମାନେ ମନ୍ତ୍ରୀ ଶ୍ରୀଜେନାଙ୍କ ଏପରି କାର୍ଯ୍ୟକୁ ଖୁବ ପ୍ରଶଂସା କରିଥିଲେ।

ଅପରେସନ ସିନ୍ଦୁରରେ ବଳିଦାନ ଦେଇଥିବା ବୀର ଶହୀଦଙ୍କ ସ୍ମୃତିରେ ବିଜେପିର ରକ୍ତଦାନ ଶିବିର

ସମ୍ବଲପୁର,(ଡିକେ ନ୍ୟୁଜ୍): ବୁର୍ଲା ଭୀମସାର ରକ୍ତ ଭଣ୍ଡାରରେ ରକ୍ତର ଅଭାବ। ଅନୁରୋଧ ଆସିଲା ରକ୍ତଦାନ ପାଇଁ। ତୁରନ୍ତ ବାହାରି ପଡିଲା ବିଜେପି। ୟହୀରାକୁଦ ମଣ୍ଡଳ ଦ୍ୱାରା ଆୟୋଜନ ହେଲା ରକ୍ତଦାନ ଶିବିର। ଅପରେସନ ସିନ୍ଦୁରରେ ବଳିଦାନ ଦେଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ରକ୍ତଦାନ ଶିବିରରେ ରକ୍ତଦାତାଙ୍କ ସଂଖ୍ୟା କମ ହୋଇଥିଲେ ମଧ୍ୟ ସମାଜକୁ ଦେଇଛି ନୂଆଁ ବାର୍ତ୍ତା। ଅପରେସନ ସିନ୍ଦୁର ନାଁ ରେ କରାଯାଇଥିବା ଏହି ରକ୍ତଦାନ ଶିବିରରେ ବିଶିଷ୍ଟ ଚାଷୀ ନେତା ତଥା ବିଜେପିର ବରିଷ୍ଠ ନେତା ସମୀର ବାବୁ ଓ ସମ୍ବଲପୁର ବିଜେପି ସାଧାରଣ ସମ୍ପାଦକ ଅନିଲ ବେହେରା ଯୋଗ ଦେଇଥିବା ବେଳେ ହୀରାକୁଦ ବିଜେପିର ପ୍ରଦୀପ ରାଉତ ରାୟ,

ମନୋଜ ସ୍ୱାଇଁ, ଅନୁପ ମିଶ୍ର, ଜଗନ୍ନାଥ ଚୌଧୁରୀ, ସୁଧୀର ମିଶ୍ର, ଚକ୍ର ସେଠି, ଅଶ୍ୱିନୀ ସାହ

ହତ୍ୟା ପରେ ମୃତଦେହକୁ ଅଧା ପୋତିଦେବା ଘଟଣା: ୨ ଗିରଫ, ସିନ୍ ରିକ୍ରିଏଟ୍ କଲା ପୋଲିସ

ବରଗଡ,(ଡିକେ ନ୍ୟୁକ୍): ପଞ୍ଚାୟତ କଲେଜ ନିକଟ ପାର୍କ ପାଖରେ ଦେବରାଜ ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କୁ ଇଟାରେ ଛେଚି ହତ୍ୟା କରିବା ଘଟଣାକୁ ଖୁଲାସା କରିଛି ବରଗଡ଼ ପୋଲିସ। ଏହି ହତ୍ୟା ଘଟଣାରେ ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ କଳାହାଣ୍ଡିର ଜିତେନ୍ଦ୍ର ଭୋଇ ଓ ବରଗଡ଼ ସହରର ରାକେଶ ଭିଶାଲ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜିତେନ୍ଦ୍ର ଓ ରାକେଶ ଯୋଜନାବଦ୍ଧ ଭାବେ ବରଗଡ଼ ସହର ପଞ୍ଚାୟତ କଲେଜ ପାର୍କ ନିକଟରେ ରହୁଥିବା ଦେବରାଜ ପାଣିଗ୍ରାହୀଙ୍କ ସହିତ ଗତ ଜୁନ ୬ ତାରିଖ ରାତିରେ ମଦ୍ୟପାନ କରି ଝଗଡ଼ା କରିଥିଲେ। ଏହାପରେ ଜିତେନ୍ଦ୍ର ଓ ରାକେଶ ଇଟାରେ ଦେବରାଜ ପାଣିଗ୍ରାହୀଙ୍କୁ ଛେଚି ତାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ନିକଟସ୍ଥ ବିଲରେ ଶବକୁ ଫିଙ୍ଗି ଫେରାର ହୋଇଯାଇଥିଲେ। ପୋଲିସ ଏହାର ଖୋଲତାଡ଼ କରିବା ପରେ ଉଭୟ ଯୁବକଙ୍କୁ ଗିରଫ କରି ଆଜି ସିନକ୍ରିଏସନ କରିଥିଲା । ଘଟଣା ଦିନ କିଭଳି ଭାବେ ଦେବରାଜଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିଲେ ତାହାର ନାଟ୍ୟ ରୂପାନ୍ତର କରିଥିଲେ ଅଭିଯୁକ୍ତମାନେ। ବରଗଡ଼ ଏସଡିପିଓ, ଟାଉନ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଅଭିଯୁକ୍ତମାନେ କରିଥିଲେ ସିନକ୍ରିଏସନ। ଏହାପରେ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା।

ଚୋରି ସାମଗ୍ରୀ ସହ ଜଣେ ଗିରଫ

ସମ୍ବଲପୁର,(ଡିକେ ନ୍ୟୁକ୍): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ପୋଲିସ ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଗୋବିନ୍ଦପୁର ମଝିପଡ଼ା ସନ୍ତୋଷ ନାୟକ (୩୨) ବୋଲି ଜଣାପଡିଛି । ତାଙ୍କ ଠାରୁ ପୋଲିସ ଏକ ଟିଭି, ଡିଭିଡି ପ୍ଲେୟାର, ଗ୍ରାଇଣ୍ଡାର ମେସିନ, ସିଲିଂ ପଙ୍ଖା, କାନ୍ଥ ପଙ୍ଖା, ଦୁଇଟି ଲୁହା ପାଇପ ଓ ବାସନ କୁସନ ଆଦି ସାମଗ୍ରୀ ଜବତ କରାଯାଇଛି। ସୂଚନା ଯୋଗ୍ୟ ଯେ ଗୋବିନ୍ଦପୁର ହରିପଡା ଗ୍ରାମର ବିମଲ ଲାକ୍ରାଙ୍କ ଘରେ ପଶି କେହି ଦୁର୍ବୃତ୍ତ ଗତ ୬ ତାରିଖରେ ଚୋରି କରିଥିଲା। ଅଭିଯୋଗ ପରେ ପୋଲିସ ଥାନାରେ ୭୪/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତ ସନ୍ତୋଷକୁ ଗିରଫ କରିବା ସହ ଚୋରି ହୋଇଥିବା ସାମଗ୍ରୀକୁ ଜବତ କରିଛି।

ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗରେ ସାଂସଦଙ୍କ ଶୋକ

କେନ୍ଦୁଝର,(ଡିକେ ନ୍ୟୁକ୍): ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ, ମାନବିକ ଅଧିକାରକର୍ମୀ ତଥା ସାମାଜିକ କାର୍ଯ୍ୟକର୍ତ୍ତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ନାୟକ ତାଙ୍କର ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ସାମାଜିକ କାର୍ଯ୍ୟକର୍ତ୍ତା ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ। ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗର ସଦସ୍ୟ ଭାବେ ମୁଁ କାର୍ଯ୍ୟ କରୁଥିବା ବେଳେ ସେ ଆୟୋଗର ଆଇନ ପରାମର୍ଶଦାତା ଥିଲେ। ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ। ତଥା ନିଷ୍ପେଷିତ ଲୋକମାନଙ୍କ ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ। ମା' ତାରିଣୀଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର

ନବରଙ୍ଗପୁର,(ଡିକେ ନ୍ୟୁକ୍): ଡ଼ାବୁ ଗାଁ ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ତହସିଲଦାର ଗୀତା ମୁର୍ମୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୫ ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ୪ ଜଣଙ୍କୁ ବୈଶାଖୀ ସହାୟତା ପ୍ରଦାନ କରାଯାଇଥିଲା।

ଉଦଘାଟନୀ ସମାରୋହରେ ଅତିଥି ନିମନ୍ତ୍ରଣକୁ ନେଇ ଗଣ୍ଡଗୋଳ

ଭଞ୍ଜନଗର,(ଡିକେ ନ୍ୟୁକ୍):ଭଞ୍ଜନଗର ଥାନା ଅନ୍ତର୍ଗତ ତୃରୁମ ପଞ୍ଚାୟତ ଅଧିନସ୍ଥ ନୁଆଁ ଗୁଜୁରାଳି ଗ୍ରାମରେ ଠାକୁରାଣୀ ଯାତ୍ରା ଉପଲକ୍ଷେ ରାମାୟଣ ନାଟକ ପରିବେଷଣର ଉଦ୍‌ଘାଟନୀ ସମାରୋହରେ ଅତିଥି ନିମନ୍ତ୍ରଣକୁ ନେଇ ବଚସା ବେଳେ ଗ୍ରାମର କିଛି ବ୍ୟକ୍ତି ଅନ୍ୟ ଜଣେ ଗ୍ରାମବାସୀ ସାମାନାଥ ନାୟକଙ୍କୁ ବିଭିନ୍ନ ଅଶ୍ରାବ୍ୟ ଭାଷା ଦେଇ ଗାଳି ଗୁଲୁଜ କରିବା ସହ ମରଣାନ୍ତାକ ଆକ୍ରମଣ କରିଥିଲେ। ଏଥିରେ ସୀମାନାଥ ନାୟକଙ୍କ ପାଦରେ ଗଭୀର ଆଘାତ ଲାଗିଛି। ସୂଚନା ପ୍ରକାରେ ଯାତ୍ରା ପୂର୍ବରୁ ପ୍ରସ୍ତୁତି ବୈଠକରେ ସୀମାନାଥ ନାୟକ ଏବଂ ଅନ୍ୟ କିଛି ଗ୍ରାମବାସୀ ବାରମ୍ବାର କହି ଆସୁଥିଲେ ଯଦି ନିମନ୍ତ୍ରଣ କରାଯିବ ତାହେଲେ ବର୍ତ୍ତମାନର ବିଜୟୀ ଲୋକପ୍ରତିନିଧିମାନଙ୍କୁ ହିଁ କରାଯିବ ନଚେତ ଅନ୍ୟ କୌଣସି ରାଜନୈତିକ ଦଳର ସଦସ୍ୟଙ୍କୁ ମଞ୍ଚ ଉପରକୁ ଡକାଯିବ ନାହିଁ। ବୈଠକର ନିଷ୍ପତ୍ତି ପ୍ରକାରେ ସମସ୍ତ ଗ୍ରାମବାସୀଙ୍କ ସମ୍ମତି ହିସାବର କାହାକୁ ମଧ୍ୟ ମଞ୍ଚକୁ ନିମନ୍ତ୍ରଣ ନ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଗଲା। କିନ୍ତୁ ଯାତ୍ରା ଦିନ ସନ୍ଧ୍ୟାରେ ଜାଣିଶୁଣି ବର୍ତ୍ତମାନର ସରପଞ୍ଚଙ୍କୁ ଅପମାନିତ କରିବା ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଗ୍ରାମର କିଛି ବ୍ୟକ୍ତି ହଠାତ୍ ତୁରୁମୁ ଅଞ୍ଚଳର ପୂର୍ବତନ ସରପଞ୍ଚଙ୍କୁ ଜୋର ଜବରଦସ୍ତି ମଞ୍ଚ ଉପରକୁ ନେବା ସମୟର ସୀମାନାଥ ନାୟକ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମର ସୁଦ୍ଦରୁ ନାଇକ, ଭୀକା ନାଇକ, ମନୋଜ ନାଇକ, ବବରୁ ନାଇକ ଅମର ନାଇକଙ୍କ ସହ ଅନ୍ୟମାନେ ମଞ୍ଚ ଉପରୁ ସୀମାନାଥ ନାଇକଙ୍କୁ ଲାତ ଗୋଇଠା ମାରିବା ସହ ଜୀବନରେ ମାରିଦେବା ପାଇଁ ଦଳଗତ ଭାବେ ଆକ୍ରମଣ କରିଥିଲେ। ତତ୍‌ପରେ ସୀମାନାଥ ନାୟକଙ୍କ ଅଭଯୋଗ କ୍ରମେ ଉକ୍ତ ପାଞ୍ଚ ଜଣଙ୍କୁ ଭଞ୍ଜନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

ପାରାଦ୍ୱୀପ ବିଧାନସଭା କ୍ଷେତ୍ରର ପ୍ରତ୍ୟେକ ପଞ୍ଚାୟତରେ ବାଲ୍ମୀକି କୁଟୀର ନିର୍ମାଣ



ପାରାଦ୍ୱୀପ,(ଡିକେ ନ୍ୟୁକ୍): ପାରାଦୀପ ନିର୍ବାଚନ ମଣ୍ଡଳୀ ରାହାମା ଅଞ୍ଚଳର ଉନ୍ନତି ପାଇଁ ଆଉ ରହିବ ନାହିଁ ଅର୍ଥର ଅଭାବ। ପ୍ରତ୍ୟେକ ପଞ୍ଚାୟତର ଦଳିତ ବସ୍ତିରେ ବାଲ୍ମିକୀ କୁଟୀର ଯୋଜନା ଆରମ୍ଭ ହେବ। ରାହାମା ବଜାର ଠାରେ ଆୟୋଜିତ ବିଧାୟକ ହାତ ପାଣ୍ଠି ଆବଣ୍ଟନ ସମାରୋହରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ କହିଛନ୍ତି। ଏହି ସମାରୋହରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ରାହାମା ବଜାର କମିଟି ଅଫିସ ଗୃହ, ରାହାମା ବଜାର ଶିଶୁ ବାଟିକା, ଯୋଗଗୃହ ଆଦି ରାହାମା ବଜାରର ତେରମାଣପୁର ଗଡାଠାରୁ ବଡବଜାର ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକୀକରଣ ଭଳି ବିଭିନ୍ନ ପ୍ରକଳ୍ପ ଭେଟି ଦେଇଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ। ସେହିପରି ତାଳପଡା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ରାହାମା ଅଞ୍ଚଳ ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି ରାହାମା ବଣିକ ସଂଘ ସଭାପତି ତଥା ବଜାର କମିଟି ସଭାପତି ଶିଶିର କୁମାର ଦାସ କହିଛନ୍ତି। ମହର୍ଷି ବାଲ୍ମୀକିଙ୍କ ଆଦର୍ଶ ଏବଂ ତାଙ୍କ ଜୀବନର ଗତିପଥରେ ଆସିଥିବା ସକାରାତ୍ମକ ଆମୂଳଚୂଳ ପରିବର୍ତ୍ତନକୁ ଆଧାର କରି ଏହାକୁ 'ବାଲ୍ମୀକି କୁଟୀର' ବୋଲି ନାମିତ କରାଯାଇଛି। ଦିବ୍ୟ ଜ୍ଞାନ ପ୍ରାପ୍ତ କରି ଦସ୍ୟୁ ରତ୍ନାକର ଯେପରି ମହର୍ଷି ବାଲ୍ମୀକି ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ସେହିପରି ଉପଯୁକ୍ତ ପରିବେଶ ଓ ଭିତ୍ତିଭୂମି ଯୋଗାଇ ଦେଲେ ଦଳିତ, ଅବହେଳିତ ଏବଂ ସମାଜର ଶେଷ ସୋପାନରେ ଥିବା ବ୍ୟକ୍ତିଙ୍କ ଜୀବନରେ ମଧ୍ୟ ବ୍ୟାପକ ତଥା ସକାରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ମୋର ବିଶ୍ୱାସ ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ।

ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ

ସମ୍ବଲପୁର,(ଡିକେ ନ୍ୟୁକ୍): ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ତରଫରୁ ସହିଦ ବୀର ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥି ଅବସରରେ ୧୨୫ ତମ ବଳିଦାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁରର ସ୍ଥାନୀୟ ଅଇଁଠାପାଲି ଛକ ସ୍ଥିତ ଭଗବାନ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବୀର ବିର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। କଲ୍ୟାଣ ମହାସଂଘର ସଭାପତି କିଶୋର ମୁଣ୍ଡାଙ୍କ ସଭାପତିତ୍ୱରେ ଅନେକ ବ୍ୟକ୍ତି ବିଶେଷଙ୍କୁ ଆମନ୍ତ୍ରିତ କରାଯାଇ ସ୍ମୃତିଚାରଣ ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଆଦିବାସୀ ମାନଙ୍କର ଜଙ୍ଗଲ ଜମି ଏବଂ ବିଭିନ୍ନ ମୌଳିକ ଦାବିକୁ ନେଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ମତାମତ ପ୍ରକାଶ କରାଯାଇଥିଲା। ପୂର୍ବୋକ୍ତ ସଭାରେ ବିଜୁ ଜନତା ଦଳର ବିଭିନ୍ନ କର୍ମକର୍ତ୍ତା ଯଥା ଶତ୍ୟେନ୍ଦ୍ର ଦାସ, ଆନନ୍ଦ ବଡଗୟାନ୍, ଗୋକୁଳ ମେହେର, ଅଶୋକ ପଟେଲ, ବେଣୁଧର ଦାସ, ପ୍ରହଲ୍ଲାଦ ଗୁରୁ, ହର୍ଷିପ ସିଂ ଭୂର୍ଯି (ବବି), ବାଲ୍ମୀକି ନାଏକ, ସୁକେଶ ସିଂ, ସଞ୍ଜୟ ବର୍ମା, ରୁଦ୍ର ଷଡ଼ଙ୍ଗୀ, ଡ. ଚକ୍ରଧର ଧର, ଅମୂଲ୍ୟ ମିଶ୍ର ତଥା ସମାଜ ସେବୀ ଦେବାସିଶ ପୁରୋହିତ ଓ ସୌରଭ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦିବାସୀ କଲ୍ୟାଣ ମହାସଂଘର ସୀତା ମୁଣ୍ଡା, ପୂଜା ମୁଣ୍ଡା, ଭୋଜରାଜ୍ ମୁଣ୍ଡା, ସୁରେଶ ମୁଣ୍ଡା, ବୁଧରାମ ମୁଣ୍ଡା, ୟୁନସ ମୁଣ୍ଡା ଦେବରାଜ ମୁଣ୍ଡା, ହିମାଂଶୁ ମୁଣ୍ଡା, ବିବେକ ମୁଣ୍ଡା, ଚୁନି ମୁଣ୍ଡା, ବିଳାସିନୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ସୁପରିଚାଳନା କରିବା ସହ ଆହୁରି ଅନେକ ଆଦିବାସୀ ସଂପ୍ରଦାୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

ବିଜେପି ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ବୈପାରିଗୁଡା,(ଡିକେ ନ୍ୟୁକ୍): ବୈପାରିଗୁଡା ବ୍ଲକ ଭାରତୀୟ ଜନତା ପାର୍ଟିର ଅନୁସୂଚିତ ଜନଜାତି ପକ୍ଷରୁ ଉନ୍ନୟନ ପରିଷଦ ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପଶ୍ଚିମେଶ୍ୱର ମନ୍ଦିର ପାଣଙ୍ଗ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ନରେନ୍ଦ୍ର କାନ୍ଦୁଲିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କର ତ୍ୟାଗପୂତ ଜୀବନାଦର୍ଶ ଏବଂ ତାଙ୍କର ବାଣୀ ସଂପର୍କରେ ଆଲୋକପାତ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, ସାଧାରଣ ସମ୍ପାଦକ ଜୟରାମ ଭୋଇ, ଲଳିତ ପୂଜାରୀ ପ୍ରମୁଖ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈପାରୀଗୁଡା ମଣ୍ଡଳ ଆଦିବାସୀ ମୋର୍ଚ୍ଚା ସଭାପତି ଧନପତି ନାୟକ, ରାମଗିରି ମଣ୍ଡଳ ସଭାପତି ଦୈତାରୀ ବାରିକ, ଦଣ୍ଡବାଡ଼ି ମଣ୍ଡଳ ସଭାପତି ରାମଚନ୍ଦ୍ର ଚେରକିଆ, କୋଲାର ମଣ୍ଡଳ ସଭାପତି ମୋହନଲାଲ ଅଡାରି ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ପଟ୍ଟନାୟକ, ଜଗତ ଆର୍ଲବ, ତ୍ରିଲୋଚନ ଖରା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ବିଭିନ୍ନ ପଞ୍ଚାୟତର ଆଦିବାସୀ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

ରେଙ୍ଗାଲି ବ୍ଲକରେ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

ସମ୍ବଲପୁର,(ଡିକେ ନ୍ୟୁକ୍): ଓଡ଼ିଆ ସରକାରଙ୍କ ମିଶନ ଶକ୍ତି ବିଭାଗ, ମିଶନ ଶକ୍ତିକୁ ସୁଦୃଢ କରିବା ପାଇଁ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଚାଲୁ ରଖିଥିବା ବେଳେ ସୋମବାର ରେଙ୍ଗାଲି ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟାଳୟ ପରିସରେ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବ୍ଲକର ୧୧ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇ ପାରମ୍ପାରିକ ଖାଦ୍ୟ ଆରିସା, ମାଣ୍ଡିଆ ସୁପ, ମାଣ୍ଡିଆରେ ପ୍ରସ୍ତୁତି ବିଭିନ୍ନ ସ୍ୱାଦିଷ୍ଟ ପିଠା, ମଣ୍ଡା, ମିଠା, ଲଡ୍ଡୁ, ଚାଉଳବରା ଆଦି ପ୍ରସ୍ତୁତି କରିଥିଲେ। ଏହି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ନିସାନଭଙ୍ଗା ପ୍ରଥମ ଓ ମାଁଜନନୀ ଉତ୍ପାଦକ ଗୋଷ୍ଠୀ କତରବଗା ଦ୍ୱିତୀୟ ସ୍ଥାନ ଅଧିକାର କରି ପ୍ରସଂଶା ପତ୍ର ଓ ଅର୍ଥରାଶି ସହ ପୁରସ୍କୃତ ହୋଇଥିଲେ। ବିଚାରକ ଭାବରେ ନୂଆଁ ରମ୍ପେଲା ହାଇସ୍କୁଲର ଶିକ୍ଷୟତ୍ରୀ ଝରଣାରାଣୀ ବେହେରା, ଜୟନ୍ତି ପ୍ରଧାନ, ଡବ୍ଲୁଇଓ ଚନ୍ଦ୍ରଶେଖର ମିଶ୍ର ଓ ସିଡିପିଓ ଜାମିନୀ ଅଢା, ନିଶନଭଙ୍ଗା ସରପଞ୍ଚ ସରୋଜ ବେହେରା ଯୋଗ ଦେଇଥିବା ବେଳେ ଜପାମାଳି ଭୋସାଗର, ରିନା ପଟେଲ, ଅନିତା ବାଗ, ଅରବିନ୍ଦ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଓଡିଶା ଅଣ ଗେଜେଟେଡ଼ ବନ ସେବା ତରଫରୁ ସ୍ମାରକପତ୍ର ପ୍ରଦାନ

କୋରାପୁଟ,(ଡିକେ ନ୍ୟୁକ୍): କୋରାପୁଟ ଜିଲ୍ଲାର ଓଡିଶା ଅଣ ଗେଜେଟେଡ଼ ବନ ସେବା ତରଫରୁ ଆଞ୍ଚଳିକ ମୁଖ୍ୟ ବନ ସରକ୍ଷଣ କୋରାପୁଟ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲିରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟସରେ ଜିଲ୍ଲାପାଳଙ୍କ ଜରିଆରେ ୩ ଦଫା ଦାବିକୁ ନେଇ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ବାରମ୍ବାର ବନ କର୍ମଚାରୀମାନଙ୍କୁ ଗୁଳି କରି ହତ୍ୟା କରାଯାଉଥିବା ସ୍ଥଳେ, ଓଡିଶା ଅଣଗେଜେଟେକ ବନସେବା ସଂଘ ଗତ ତା. ୨୫.୫.୨୦୨୫ ରିଖରେ ଏକ କରୁରୀକାଳୀନ ବୈଠକ କରି ବିଭାଗର ଅବ୍ୟବସ୍ଥା ପ୍ରତିକାର ନିମନ୍ତେ ତିନି ଗୋଟି ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରିଥିଲା। ଏହା ତା.୮.୬.୨୦୨୫ ରିଖ ସୁଦ୍ଧା ପଦକ୍ଷେପ ନେବାକୁ ଦାବି ହୋଇଥିଲେ ମଧ୍ୟ ସରକାର ଅଦ୍ୟାବିଧ କୌଣସି ପ୍ରତିକାର/ବିଚାର କଲେ ନାହିଁ । ତେଣୁ କରି ସଂଘର ନିଷ୍ପତ୍ତି କ୍ରମେ କୋରାପୁଟ ସର୍କଲ ଅନ୍ତର୍ଗତ ସମସ୍ତ ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ରେଞ୍ଜରମାନେ ସେମାନଙ୍କ ପ୍ରତି କରାଯାଉଥିବା ଅବହେଳା ପ୍ରତିବାଦରେ ସାମୁହିକ ଛୁଟିରେ ରହି ଅନଶନ କରିବାକୁ ବାଧ ହେଉଛୁ। ତେଣୁକରି ଏହି ଦାବି ପୂରଣ କରିବା ପାଇଁ ସଂଘ ଦାବି କ

ଉପ ଜିଲ୍ଲାପାଳଙ୍କ ଘରେ ପୁଳା ପୁଳା ଟଙ୍କା, ରେଡ୍ କଲା ଭିଜିଲାନ୍ସ

ଧର୍ମଗଡ, (ଡିକେ ନ୍ୟୁଜ): ଆଇଏଏସଙ୍କ ଘରେ ପୁଳା ପୁଳା ଟଙ୍କା। ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଘରେ ପଶିଲା ଭିଜିଲାନ୍ସ। ଉପଜିଲ୍ଲାପାଳ ଧିମନ ଚକମାଙ୍କୁ ଧରିଲା ଭିଜିଲାନ୍ସ। ଲାଞ୍ଚ ଟଙ୍କା ଜବତ ପରେ ବାସଭବନରେ ରେଡ୍ କରିଥିଲା ଦୁର୍ନୀତି ନିବାରଣ ସଂସ୍ଥା। ରେଡ ବେଳେ ୪୭ ଲକ୍ଷ ଟଙ୍କା ଜବତ ହୋଇଛି। ସୂଚନା ଥାଉକି, ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଉପଜିଲ୍ଲାପାଳ ଧିମନ ଚକମା ଧରାପଡ଼ିଥିଲେ। କ୍ରସର ୟୁନିଟ ମାଲିକଙ୍କ ଠାରୁ ସେ ଏହି ଲାଞ୍ଚ ଟଙ୍କା ନେଉଥିଲେ। ୨୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ, ଆଉ କିସ୍ତି ହିସାବରେ ୧୦ ଲକ୍ଷ ଟଙ୍କା ନେଇଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ରୋଚକ କଥା ହେଉଛି ଲାଞ୍ଚ ପାଇଁ ବ୍ୟବସାୟୀଙ୍କୁ ନିଜ ସରକାରୀ ବାସଭବନକୁ ଡାକିଥିଲେ ଏହି ସରକାରୀ ବାବୁ ଜଣକ। ୨୦୨୧ ବ୍ୟାଚର ଆଇଏଏସ ଅଫିସର ହେଉଛନ୍ତି ଧିମନ ଚକମା। ଆଇଏସ୍ ୪୮୨ ରାଙ୍କ ପାଇଥିଲେ। ତାଙ୍କ ଘର ତ୍ରିପୁରା କାଞ୍ଚନପୁରରେ। ପୂର୍ବରୁ ଆଇଏଫଏସ ପାଇଥିଲେ ଧିମନ ଚକମା। ବାରିପଦାରେ ଫରେଷ୍ଟ ଅଫିସର ଭାବେ କାର୍ଯ୍ୟ କରିସାରିଛନ୍ତି। ଫରେଷ୍ଟ ଅଫିସର ଥିବାବେଳେ ଆଇଏଏସ ପାଇଥିଲେ। ଭିଜିଲାନ୍ସ ଟିମ ଉପ ଜିଲ୍ଲାପାଳ ଚକମାଙ୍କୁ ତଦନ୍ତ ପାଇଁ ନିଜ ସାଥୀରେ ନେଇଛି। ଏହି ସମ୍ପର୍କରେ, ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୨୦୨୫ରେ ୭ ପିସି ଆଇନ, ୧୯୮୮ ଅନୁଯାୟୀ ପିସି (ସଂଶୋଧନ) ଆଇନ, ୨୦୧୮ ଦ୍ୱାରା ସଂଶୋଧିତ ପଞ୍ଜିକୃତ କରାଯାଇଛି। ତଦନ୍ତ ଜାରି ରହିଛି। ପରବର୍ତ୍ତୀ ରିପୋର୍ଟ ପରେ ଆସିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଦୋଳ ପଡିଆକୁ ମାଡି ବସିଲେ ଲୋକ, ତହସିଲରେ ଅଭିଯୋଗ

ଅସ୍ତରଙ୍ଗ, (ଡିକେ ନ୍ୟୁଜ): ଦିନକୁ ଦିନ ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ଅନେକ କୋଠ ଜମି, ଗୋଚର, ଦଣ୍ଡା, ଜଙ୍ଗଲଜମି, ଅନାବାଦୀ ବେଆଇନ ଭାବେ ଜବରଦଖଲ ବୃଦ୍ଧି ପାଉଛି। ଯାହାକୁ ନେଇ ଅନେକ ସମୟରେ ଅଭିଯୋଗ ହେବା ପରେ ବି ସ୍ଥାନୀୟ ରାଜସ୍ୱ ବିଭାଗ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉନାହିଁ। ଏହିପରି ଏକ ଅଭିଯୋଗ ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତରୁ ଆସିଅଛି। ଖାତା ନମ୍ବର -୨୬୧, ପ୍ଲଟ ନମ୍ବର -୩୭୨, କିସମ -କଣ୍ଟା ଜଙ୍ଗଲ, ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏହି ସ୍ଥାନଟି ଜମିଦାର ଶାସନ ସମୟରୁ ଏହି ଗ୍ରାମର ଦୋଳ ମେଳଣ ମଣ୍ଡପ ଭାବେ ବ୍ୟବହୃତ ହୋଇଆସୁଛି। କିନ୍ତୁ ଏହି ଗ୍ରାମର ବିଜୟ କୁମାର ଖଟୋଇ ନାମକ ବ୍ୟକ୍ତି ବିଶେଷ ଜୋର ଜବରଦସ୍ତ ଦଖଲ କରି ଏହି ପଡିଆରେ ମୁଖ୍ୟ ରାସ୍ତା ନିକଟରେ ଏକ କୋଠା ନିର୍ମାଣ କରୁଛନ୍ତି। ଯାହାକି ଫଳରେ ଗ୍ରାମର ଦୋଳ ପଡିଆ ଜବରଦଖଲ ଅବସ୍ଥାରେ ରହିଅଛି। ଏନେଇ ଗ୍ରାମାଞ୍ଚଳରେ ଏକ ପ୍ରକାର ଅସନ୍ତୋଷ ପ୍ରକାଶ ପାଉଛି। ଏଠି ପ୍ରଶ୍ନ ଉଠୁଛି ସରକାରୀ ଜମି କାହିଁକି ଓ କିପରି ଜବରଦଖଲ ହେଉଛି। ଯେଉଁମାନେ ବି କରୁଛନ୍ତି କାହା ଛତ୍ରଛାୟା ତଳରେ ଏହି ଜମିକୁ ଜବରଦଖଲ କରୁଛନ୍ତି। ଅନେକ ସ୍ଥାନରେ ଜମି ଜବରଦଖଲ ହେବା କାରଣରୁ ଚାଷ ଜମିକୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅନେକ ସ୍ଥାନରେ ଗୋଚର ଆଉ ମିଳୁନି। ଜଙ୍ଗଲ ଜମିରୁ ଜଙ୍ଗଲ ପଦା କରି ବ୍ୟକ୍ତି ବିଶେଷ ନିଜ ସ୍ୱାର୍ଥରେ ଉକ୍ତ ଜମିକୁ ବ୍ୟବହାର କରୁଛନ୍ତି। ଏହି ସବୁ ଜବରଦଖଲ ଅସ୍ତରଙ୍ଗ ତହସିଲ ଅଧୀନରେ ଏତେ ପରିମାଣରେ ବୃଦ୍ଧି ପାଉଛି ଯେ ଆଉ କିଛି ଦିନ ପରେ ସରକାର ଥିବ ମାତ୍ର ସରକାରୀ ଜମି ନଥିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ମାଣ୍ଡୁକି ରାଜସ୍ୱ ବିଭାଗ ଅଧୀନରେ ଥିବା କଣ୍ଟାଜଙ୍ଗଲ ଯେଉଁଟା ପୂର୍ବ ପୁରୁଷରୁ ଗ୍ରାମର ଦୋଳ ପଡିଆ ଭାବେ ବ୍ୟବହୃତ ହୋଇଆସୁଛି। କିନ୍ତୁ ସେଠ ନିର୍ମାଣ ହେଉଥିବା କୋଠାକୁ ବିରୋଧ କରି ଏହି ଗ୍ରାମର ଦୁର୍ଯ୍ୟୋଧନ ଜେନା, ମନୋଜ ଜେନା, ଶିବ ପରିଡା, ଦିଲ୍ଲୀପ କୁମାର ପ୍ରଧାନ, ପରମାନନ୍ଦ ପ୍ରଧାନ ପ୍ରମୁଖ ବୁଦ୍ଧିଜୀବୀ ଏପ୍ରିଲ ୨୮ ତାରିଖରେ ଅସ୍ତରଙ୍ଗ ତହସିଲରେ ଅଭିଯୋଗ କରିବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏଯାଏ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନି ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ଆଉ ଆଗାମୀ ଦିନରେ ସ୍ଥାନୀୟ ତହସିଲ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ନିକଟରେ ଓ ଆବଶ୍ୟକ ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନି ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଦ୍ୱାରା ଉମରକୋଟ ଠାରେ ସନ୍ତରଣ ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର/ଉମରକୋଟ, (ଡିକେ ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏଜିଆର ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ପକ୍ଷରୁ ଯୁବପିଢ଼ିମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ଯୁବପିଢ଼ିମାନଙ୍କ ଉପରେ ପ୍ରଭାବ ପକାଇବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ଗତ ୨ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହିଭଳି ୧୦ଟି ଦଳରେ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରକାଶଥାଉ କି ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ପୂର୍ବତନ ଅବସର ପ୍ରାପ୍ତ ନୌସେନା ଅଧିକାରୀ ୩୪ ବର୍ଷୀୟ ଯୁବକ ଜି.ଗୋଲ୍ଡ ସ୍ମିଥ, ୨୦୦୮ରୁ ୨୦୨୩ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟକରୀ ଅବସର ଗ୍ରହଣ କଲା ପରେ ଉମରକୋଟ ଠାରେ ନିଜସ୍ୱ ଉଦ୍ୟମରେ ଏକ ସନ୍ତରଣ ଜଳାଶୟ ପ୍ରତିଷ୍ଠା କରି ବର୍ତ୍ତମାନ ପର୍ଯ୍ୟନ୍ତ ୧୪୪ ଛାତ୍ରଛାତ୍ରୀଙ୍କୁ ସନ୍ତରଣ ତାଲିମ ପ୍ରଦାନ କରିଛନ୍ତି। ଏହି ଅବସରରେ ସେନା ବାହିନୀରୁ ସଦ୍ୟ ଅବସର ଗ୍ରହଣ କରିଥିବା ସୁବେଦାର ମେଜର ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦଙ୍କ ପ୍ରତିନିଧି ରାମ ନାୟକ, ଉମରକୋଟ ପୌରାଧ୍ୟକ୍ଷା ରାଧା ଭାତ୍ରା, ଉପ ଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ ଉମରକୋଟ ଆଲୋକ କୁମାର ଅନୁଗୁଳିଆ, ଝରିଗାଁ ତହସିଲଦାର ସୁମନ୍ତ ପାତ୍ର ଉପସ୍ଥିତ ଥିଲେ।

ରୋଟାରୀ କ୍ଲବର ନୂଆ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ଡିକେ ନ୍ୟୁଜ): ରୋଟାରୀ ଭବନ ପରିସରରେ ନୂଆ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ରୋଟାରୀ ଓ ରୋଟ୍ରାକ୍ଟ ଭାବେ ୧୦ ଜଣ ନୂଆ ସଦସ୍ୟ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ରୋଟାରୀ ସଭାପତି ରୁଦ୍ରନାଥ ଦତ୍ତ, ସମ୍ପାଦକ ସଞ୍ଜୟ ବର୍ମନ ନୂଆ ସଭ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ କଳାକାର ୟୁଟ୍ୟୁବର, ତଥା ଇଂ.ଶୁଭମ ଜ୍ୟୋତି, ସ୍ମୃତିଶ୍ରୀ ପରିଜା, ଅଧ୍ୟାପକ ସୁବୋଧ ଜଗଦେ, ଶାରଳା ପଟ୍ଟନାୟକ, ଉମାଶାଙ୍କର ପ୍ରସାଦ ରୋଟାରୀ ସଦସ୍ୟ ହୋଇଥିବା ବେଳେ ଶାଶ୍ୱତ ମହାନ୍ତି, ସୌମ୍ୟ ରଞ୍ଜନ ବେହେରା, ନିଶାନ୍ତ ମହାନ୍ତି, ସୂର୍ଯ୍ୟ ମୁଦୁଲି, ରୋଟ୍ରାକ୍ଟ ସଭ୍ୟ ହୋଇଥିଲେ। ରୋଟାରୀୟନ ଦେବୀ ପ୍ରସାଦ ମଜୁନଦାର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ବତନ ସଭାପତି ଶର୍ଯ୍ୟ ରଞ୍ଜନ ମହାନ୍ତି, ଡାକ୍ତର ଅମୀୟ ଜେନାମଣି, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସୁଚିସ୍ମିତା ପରିଜା, ତାପସ ବୋଷ୍ଟ, ଲୋକେଶ ନାୟକ, ଦେବି ପ୍ରସାଦ ଦାସ, ଚିନ୍ମୟୀ ଦାସ, ମୋନାଲି ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅଗାମୀ ବର୍ଷ ପାଇଁ ରୋଟାରୀ ସଭାପତି ଭାବେ ସୁକାନ୍ତ ନାୟକ ଏବଂ ରୋଟ୍ରାକ୍ଟ ସଭାପତି ଭାବେ ସମିତ ବେହାରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଖୋର୍ଦ୍ଧା ରୋଟାରୀ କ୍ଲବକୁ ରାଜ୍ୟରେ ଏକ ଅଗ୍ରଣୀ କ୍ଲବ ଭାବେ ଗଢିତୋଳିବା ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଗଭର୍ଣ୍ଣର ଇନ୍ଦ୍ରଜିତ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।

୩ ଦଫା ଦାବି ନେଇ ତହସିଲ ଅଫିସ ସମ୍ମୁଖରେ ଧାରଣା

ଧର୍ମଗଡ଼, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ତହସିଲ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦେଇଛି ଜନ ସଂଗ୍ରାମ ସମିତି। ଜନ ସଂଗ୍ରାମ ସମିତିର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ବ୍ଲକର କୋଣ ଅନୁକୋଣରୁ ଆସିଥିବା ଶତାଧିକ ଚାଷୀ ଏକଜୁଟ ହୋଇ ଗୋଲାମୁଣ୍ଡା ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ୩ ଦଫା ଦାବି ନେଇ ଧାରଣାରେ ବସିଥିବା ଧାରଣାକାରୀଙ୍କ ଦାବି ଗୁଡିକ ହେଲା ବ୍ଲକର ୨୦୨୪/୨୫ ବର୍ଷର ରବି ଋତୁରେ କ୍ଷତି ସହିଥିବା ମୁଗ ଚାଷୀଙ୍କୁ ତୁରନ୍ତ ବୀମା ଟଙ୍କା ଓ ଚାଷୀଙ୍କୁ ତୁରନ୍ତ ଚିହ୍ନଟ କରି ସରକାରୀ ସହାୟତ ରାଶି ପ୍ରଦାନ କରାଯାଉ। ଗୋଲାମୁଣ୍ଡା ବ୍ଲକର ବୃନ୍ଦାବାହାଲ ଯାଏଁ ଆସିଥିବା ଇନ୍ଦ୍ରାବତୀ କେନାଲକୁ ସଂପ୍ରସାରଣ କରି ଚାଷୀଙ୍କୁ ପାଣି ଯୋଗାଇଦେବା ଓ ଭୁଲ ଡିଜାଇନରେ କେନାଲ ନିର୍ମାଣ କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଗୋଲାମୁଣ୍ଡା ବ୍ଲକର ଉଦନ୍ତି ନଦୀରେ ବ୍ୟାରେଜ ନିର୍ମାଣ କରାଯାଉ। ଏହି ଧାରଣାରେ ଜନ ସଂଗ୍ରାମ ସମିତି ସଂପାଦକ ଅନିଲ କୁମାର ମଲ୍ଲିକଙ୍କ ସମେତ, କୃଷ୍ଣଚନ୍ଦ୍ର ମୁଣ୍ଡ, ଘନ ରଣା, ଦିଲୀପ ମାଝୀ, ଅଗସ୍ତି ମାଝୀ, ଦାଉତ ହରପାଳ, ମାଧବ ମାଝୀ, ମଧୁ ମାଝୀ, ଅବତାର ଧାରୁଆ, ଜଗନ୍ନାଥ ମାଝୀ, ରେଙ୍ଗା ମାଝୀ, ଅର୍ଜୁନ ମୁଣ୍ଡ, ଅସାରୁ ମାଝୀ, ଭଜନ ମାଝୀ, ଗୋବର୍ଦ୍ଧନ ଛତ୍ରୀଆ ପ୍ରମୁଖ ବସିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜନ ସଂଗ୍ରାମ ସମିତି ସଭାପତି ଶ୍ରୀ ମଙ୍ଗରାଜ ପ୍ରକାଶ କରିଛନ୍ତି।

ଡକ୍ଟର ସନାତନ ବେହେରା ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦଘାଟିତ

ସମ୍ବଲପୁର, (ଡିକେ ନ୍ୟୁଜ): ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଭିଏସଏସ ଷ୍ଟାଡିୟମ ଠାରେ ଡକ୍ଟର ସନାତନ ବେହେରା ସ୍ମାରକୀ ୬୫ ତମ ଲିଗ୍ ତଥା ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତା ୨୦୨୫ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଡ଼.ପ୍ରମୋଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କ୍ରୀଡ଼ା ସଙ୍ଗଠକ ସୟଦ ଜିନ୍ଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନି ମ୍ୟାଚ ସମ୍ବଲପୁର ଡିଷ୍ଟ୍ରିକ ଜିମନାସିୟମ କ୍ଲବ ଓ କସମସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ନିମ୍ନମାନ ପୋଲ କାମ ଆରମ୍ଭ, ସ୍ଥାୟିତ୍ୱ ନେଇ ସନ୍ଦେହ

ଯାଜପୁର, (ଡିକେ ନ୍ୟୁଜ): ବରୀ-ବରୁଆଁ ଏମଡିଆର ୧୪ ରାସ୍ତା କିମ୍ପିରିଆପାଳ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖାରୀଗଡ଼ା ଲେଙ୍କା ସାହି ନିକଟରେ ଥିବ ନାଳ ଉପରେ ନିର୍ମାଣଧୀନ ପୋଲ କାର୍ଯ୍ୟ ଆରମ୍ଭରୁ ଦୁର୍ନୀତିର ଗନ୍ଧ ବାରି ହୋଇପଡିଛି। ଏହି ପୋଲ ଦେଇ ପ୍ରତିଦିନ ଗ୍ରାମ ମଧ୍ୟକୁ ଶହ ଶହ ଦୁଇ ଚକିଆ, ଚାରି ଚକିଆ ଓ ବଡ଼ ବଡ଼ ଗାଡି ସମେତ ଶତାଧିକ ଲୋକ ଯାତାୟାତ କରିଥାନ୍ତି। ପୂର୍ବ ପୋଲଟି ନଷ୍ଟ ହୋଇଯିବାରୁ ଏହି ନୂତନ ପୋଲ କାର୍ଯ୍ୟ ବରୀ ଆରଡି ବିଭାଗ ଆରମ୍ଭ କରିଛି। ବ୍ୟବହାର କରାଯାଉଥିବା ସିମେଣ୍ଟ, ଗୋଡ଼ି ନିମ୍ନମାନର, ରଡ଼ ଗୁଡିକ ବହୁ ଦୂରତା ଦେଇ ବନ୍ଧା ହୋଇ ଅତି ପତଳା ବାଲିରେ ଢ଼ଳେଇ ପଡୁଥିବା ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ଶଙ୍କାରିଗଡ଼ା ବଜାରରେ ଲୋକେ କହିଛନ୍ତି। ଏହି ପୋଲ ପାଇଁ କେତେ ଅର୍ଥ ଖର୍ଚ୍ଚ କରାଯିବ ତାର କୌଣସି ସଠିକ ତଥ୍ୟ ବୋର୍ଡ ମାଧ୍ୟମରେ ଦର୍ଶାଯାଇ ନାହିଁ ଯାହା କି ସନ୍ଦେହ ଘେରରେ ରହିଛି ଏହି କାମ। ଆରଡି ତରଫରୁ କରାଯାଉଥିବା ଏହି କାର୍ଯ୍ୟ ପାଇଁ ବରୀ ବ୍ଲକ୍‌ର ଜନୈକ ଯନ୍ତ୍ରୀ ମୋଟା ଅଙ୍କର ପିସି ନେଇ ଏଠାରୁ ଅନ୍ୟତ୍ର ବଦଳି ହୋଇଯିବା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଏଣୁ ବିଭାଗୀୟ ଅଧିକାରୀ ଏପ୍ରତି ଦୃଷ୍ଟି ନ ଦେଲେ ଗ୍ରାମବାସୀ ବାଧ୍ୟ ହୋଇ କାମକୁ ବନ୍ଦ କରିବେ ବୋଲି ନିଷ୍ପତ୍ତି ନେଉଥିବା ତଥ୍ୟ ହସ୍ତଗତ ହୋଇଛି।

କୋଲନରା ବ୍ଲକ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ/କୋଲନାରା, (ଡିକେ ନ୍ୟୁଜ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କୋଲନରା ବ୍ଲକ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ ଜିଲ୍ଲାପାଳ ପାରୁଲ ପଟାଓ୍ୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ, ରାୟଗଡ, ରମେଶ କୁମାର ଜେନା, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ସାହୁ ଏବଂ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ, ଚନ୍ଦ୍ର କାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ସୋମବାର ମୋଟ ୨୧ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୫ଟି ଗ୍ରାମବାସୀମାନଙ୍କର ସାମୂହିକ ଅଭିଯୋଗ ଥିଲା। ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ସେମାନଙ୍କୁ ୩୮ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ସୋମବାର ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଇକୋ ଟୁରିଜିମକୁ...

ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀ ମାଆ ମନ୍ଦିର ଠାରୁ ଶ୍ରୀ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିଲେ। ପ୍ରତ୍ୟେକ ମାଆ ଓ ଭଉଣୀମାନଙ୍କର ସିନ୍ଦୁରର ସୁରକ୍

ମୋତେ ଚାପୁଡ଼ା ମାରିବା ଉଚିତ ଥିଲା: ଶଶାଙ୍କ ସିଂ

ନୂଆଦିଲ୍ଲୀ, ୯।୬ (ହି.ସ): ଆଇପିଏଲ ୨୦୨୫ ଶେଷ ହୋଇସାରିଛି। କିନ୍ତୁ ମ୍ୟାଚ ସହିତ ଜଡିତ କଥା ଏବେ ବି ଲୋକଙ୍କ ମଧ୍ୟରେ ଆଲୋଚନା ଚାଲିଛି। କ୍ୱାଲିଫାୟର-୨ରେ ଶଶାଙ୍କ ସିଂହ ରନ ଆଉଟ ହେବା ପରେ ପଞ୍ଜାବ କିଙ୍ଗସର ଅଧିନାୟକ ଶ୍ରେୟାସ ଆୟର ବହୁତ ରାଗିଯାଇଥିଲେ ଏବଂ ତାଙ୍କ ଖେଳାଳିଙ୍କୁ ତାଙ୍କ କାର୍ଯ୍ୟ ପାଇଁ ଭର୍ତ୍ସନା ମଧ୍ୟ କଲେ। ଆଇପିଏଲ ଶେଷ ହେବା ପରେ, ଶଶାଙ୍କ ଖୋଲାଖୋଲି ଭାବରେ ଏହି କଥା କହିଛନ୍ତି। ପଞ୍ଜାବ କିଙ୍ଗସ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ କ୍ୱାଲିଫାୟର-୨ ମ୍ୟାଚ ଖେଳିଥିଲା। ଏହି ମ୍ୟାଚରେ ଅଧିନାୟକ ଶ୍ରେୟାସ ଆୟର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ, କିନ୍ତୁ ମ୍ୟାଚ ପରେ ମଧ୍ୟ ଶ୍ରେୟାସ ଶଶାଙ୍କ ସିଂହଙ୍କ ଉପରେ ରାଗିଥିବା ଦେଖାଯାଇଥିଲା। କ୍ୱାଲିଫାୟର-୨ ସମ୍ପର୍କରେ, ଶଶାଙ୍କ କହିଛନ୍ତି, ଶ୍ରେୟାସ ମୋତେ ଚାପୁଡ଼ା ମାରିବା ଉଚିତ ଥିଲା। ତାଙ୍କ ରନ ଆଉଟ ପରେ, ତାଙ୍କ ବାପା ମଧ୍ୟ ଫାଇନାଲ ମ୍ୟାଚ ପର୍ଯ୍ୟନ୍ତ ତାଙ୍କ ସହିତ କଥା ହୋଇ ନ ଥିଲେ। ଶଶାଙ୍କ କହିଛନ୍ତି, ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ସେହି ମ୍ୟାଚ ବହୁତ ଟକ୍କର ଚାଲିଥିଲା, କିନ୍ତୁ ମୋର ରନ ଆଉଟ ବହୁତ ଖରାପ ଥିଲା। ଏହା ଏପରି ଲାଗୁଥିଲା ଯେପରି ମୁଁ ବଗିଚାରେ ନ ଥିଲି, ବରଂ ସମୁଦ୍ର କୂଳରେ ଚାଲୁଥିଲି। ଶ୍ରେୟସ ମୋତେ ସ୍ପଷ୍ଟ ଭାବରେ କହିଥିଲେ ଯେ ମୁଁ ତୁମଠାରୁ ଏହା ଆଶା କରି ନ ଥିଲି। ଶ୍ରେୟସ ପରେ ତାଙ୍କୁ ଡିନର୍ ପାଇଁ ମଧ୍ୟ ନେଇଯାଇଥିଲେ। ଶଶାଙ୍କ ସିଂହ ବାଙ୍ଗାଲୋର ବିପକ୍ଷ ଫାଇନାଲ ମ୍ୟାଚରେ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଶଶାଙ୍କ ୩୦ ବଲରେ ଅପରାଜିତ ୬୧ ରନ କରିଥିଲେ। ଏଥିରେ ସେ ତିନୋଟି ଚୌକା ଏବଂ ଛଅ ଛକା ସାମିଲ ଥିଲା।

ଫ୍ରେଞ୍ଚ ଓପନ: ଫାଇନାଲରେ ବିଶ୍ୱର ୧ନଂ ସିନରଙ୍କୁ ହରାଇ ଅଲକାରାଜ ଚାମ୍ପିଅନ୍

ପ୍ୟାରିସ, ୯।୮ (ହି.ସ): ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନରଙ୍କୁ ୪-୬, ୬-୭ (୪-୭), ୬-୪, ୭-୬ (୭-୪), ୭-୬ (୧୦-୨) ସେଟରେ ପରାଜିତ କରି ଦୁଇ ନମ୍ବର ଖେଳାଳି କାର୍ଲୋସ ଅଲକାରାଜ ଫ୍ରେଞ୍ଚ ଓପନ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ସିନର ଏବଂ ଅଲକାରାଜ ଦୁଇ ଯୁବ ଖେଳାଳି। ଜଣେ ବିଶ୍ୱର ୧ ନମ୍ବର, ଆଉ ଜଣେ ୨ ନମ୍ବର। ଭରପୂର ଉତ୍ସାହ, ଅଦମ୍ୟ ସାହସ ଏବଂ ଶରୀରରେ ଅପାର ଶକ୍ତି। ରୋଲାଣ୍ଡ-ଗାରୋସରେ ଚାଲିଥିଲା ସିଙ୍ଗଲ୍ସ ଫାଇନାଲ ଲଢେଇ। କିଏ କାହାଠୁ ଊଣା ନଥିଲେ, କେହି ବି ହାର ମାନିବାକୁ ପ୍ରସ୍ତୁତ ନଥିଲେ। ଦର୍ଶକ ବି ଉତ୍ସାହିତ ଥିଲେ। ଦୀର୍ଘ ୫ ଘଣ୍ଟା ୨୯ ମିନିଟ ଧରି ଚାଲିଥିଲା ଲଢେଇ, କ୍ଲାନ୍ତ ଜଣା ପଡୁନଥିଲେ ଦୁହେଁ। ପ୍ରତ୍ୟେକ ସେଟ୍ ପରେ ଦୁଇ ଖେଳାଳି ଏକ ନୂଆ ଫୂର୍ତ୍ତି ନେଇ ଖେଳ ଜାରି ରଖିଥିଲେ। ବୟସ ଅଧିକ ନୁହଁ, କିନ୍ତୁ ଦୁହିଁଙ୍କ ଖେଳରେ ଭରି ରହିଥିଲା ସୃସ୍ତଜନର କଳାତ୍ମକ ଦିଗ। ଯାହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଥିଲା। କିନ୍ତୁ ଦ୍ୱିତୀୟ ସେଟ୍ ପରେ ଅଲକାରାଜ ଯେଉଁ ଭଳି ପ୍ରତ୍ୟାବର୍ତ୍ତନ କଲେ ତାହା ଥିଲା ଅବିଶ୍ୱସନୀୟ, ଅଦ୍ଭୁତ ଓ ଅକଳ୍ପନୀୟ। ୨୩ ବର୍ଷୀୟ ଇଟାଲୀ ତାରକା ସିନର ପ୍ରଥମ ସେଟକୁ ୬-୪ରେ ଜିତିବା ପରେ ଦ୍ୱିତୀୟ ସେଟ୍ ହୋଇଥିଲା ତୀବ୍ର ସଂଘର୍ଷପୂର୍ଣ୍ଣ। ଶେଷରେ ଟାଇବ୍ରେକରରେ ସିନର ୭ (୭)-୬ (୪) ଏହି ସେଟକୁ ଜିତି ଅଗ୍ରଣୀ ଲାଭ କରିଥିଲେ। କିନ୍ତୁ ତୃତୀୟ ସେଟରେ ଅଲକାରାଜ ପ୍ରତ୍ୟାବର୍ତ୍ତନ କରି ୬-୪ରେ ଜିତିଲେ। ଚତୁର୍ଥ ସେଟରେ ମ୍ୟାଚର ଫଳାଫଳ ନିର୍ଣ୍ଣୟ ହୋଇଯିବ ବୋଲି ମନେ ହେଉଥିଲା। ମାତ୍ର ଦୁଇ ଖେଳାଳି ଜବରଦସ୍ତ ଲଢେ କଲେ। ଏହି ସେଟରେ ବି ଶେଷରେ ଟାଇବ୍ରେକରରେ ନିର୍ଣ୍ଣୟ ହେଲା। ଅଲକାରାଜ ୭(୭)-୬(୩)ରେ ଜିତିବା ପରେ ଖେଳ ପଞ୍ଚମ ସେଟକୁ ଯାଇଥିଲା। ଅନ୍ତିମ ସେଟ୍ ଅଧିକ ରୋମାଞ୍ଚକର ଥିଲା। କେତେବେଳେ ଅଲକାରାଜ ତ ପୁଣି କେତେବେଳେ ସିନର ଆଗଉ ଥିଲେ। ପୁଣି ଏ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଟାଇବ୍ରେକର ମଧ୍ୟ ରୋମାଞ୍ଚକର ହୋଇଥିଲା। ସିନରଙ୍କୁ ବିଶେଷ ସୁଯୋଗ ନଦେଇ ଅଲକାରାଜ ୬-୬ (୧୦-୨)ରେ ବିଜୟୀ ହୋଇ କ୍ୟାରିୟରରେ କ୍ରମାନ୍ୱୟରେ ଦ୍ୱିତୀୟ ଫ୍ରେଞ୍ଚ ଓପନ ଟାଇଟଲ ଏବଂ ପଞ୍ଚମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଲାଭ କରିଥିଲେ। ଶେଷ ୩ ସେଟକୁ ଅଲକାରାଜ କବ୍‌ଜା କରି ମ୍ୟାଚ୍ ଜିତିଥିଲେ ବି ଶେଷ ଦୁଇ ସେଟ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ଫ୍ରେଞ୍ଚ ଓପନ ଇତିହାସରେ ଏକ ଶ୍ରେଷ୍ଠ ମ୍ୟାଚ ଦେଖିବାକୁ ମିଳିଥିଲା ଅଲକାରାଜ ପୂର୍ବରୁ ୨୦୨୪ରେ ଫ୍ରେଞ୍ଚ ଓପନ ଓ ଓ୍ୱିମ୍ବଲଡନ, ୨୦୨୩ରେ ଓ୍ୱିମ୍ବଲଡନ ଓ ୨୦୨୨ରେ ୟୁଏସ୍ ଓପନ ଜିତିଥିଲେ। ରୋଲାଣ୍ଡ-ଗାରୋସରେ ଆଜିର ଫାଇନାଲ ଥିଲା ସବୁଠୁ ଦୀର୍ଘତମ, ଯାହା ୫ ଘଣ୍ଟା ୨୯ ମିନିଟ୍ ଚାଲିଥିଲା। ସିନର ଗତ ବର୍ଷ ୟୁଏସ୍ ଓପନ, ଅଷ୍ଟ୍ରେଲିଆ ଓପନ ଜିତିଥିଲେ। ଚଳିତ ବର୍ଷ ମଧ୍ୟ ଅଷ୍ଟ୍ରେଲିଆ ଓପନ ଟାଇଟଲ ସହ ଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ ଫ୍ରେଞ୍ଚ ଓପନରେ ତାଙ୍କ ଯାତ୍ରାରେ ବ୍ରେକ ଲଗାଇଛନ୍ତି ଅଲକାରାଜ।

ପଡ଼ିଆ ମଝିରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଆଖିରେ ଲୁହ

ନୂଆଦିଲ୍ଲୀ, ୯।୬ (ହି.ସ): ଫୁଟବଲ୍ ବାଦ୍‌ଶାହା କ୍ରିଷ୍ଟିଆନୋ ରୋନାଲ୍ଡୋ ପଡ଼ିଆରେ ଭାବପ୍ରବଣ ହୋଇପଡ଼ିଛନ୍ତି। ଏହି ଲୁହ ଆନନ୍ଦର ଥିଲା। ପର୍ତ୍ତୁଗାଲ ନେସନ୍ସ ଲିଗର ଫାଇନାଲରେ ପେନାଲ୍ଟି ସୁଟଆଉଟରେ ସ୍ପେନକୁ ୫-୩ରେ ପରାସ୍ତ କରିଥିଲା। ଏହା ପୂର୍ବରୁ, ମ୍ୟାଚ ସମୟ ଶେଷ ହେବା ପର୍ଯ୍ୟନ୍ତ ସ୍କୋର ୨-୨ ଏବଂ ତା'ପରେ ଦିଆଯାଇଥିବା ଅତିରିକ୍ତ ସମୟ ପର୍ଯ୍ୟନ୍ତ ସ୍କୋର ୨-୨ ଥିଲା। ନେସନ୍ସ ଲିଗର ଫାଇନାଲ ମ୍ୟାଚ ଆଲିଆଞ୍ଜ ଆରେନା ଷ୍ଟାଡିୟମରେ ପର୍ତ୍ତୁଗାଲ ଏବଂ ସ୍ପେନ ମଧ୍ୟରେ ଖେଳାଯାଇଥିଲା। ୨୧ତମ ମିନିଟରେ ମାର୍ଟିନ ଜୁବିମେଣ୍ଡି ସ୍ପେନ ପାଇଁ ପ୍ରଥମ ଗୋଲ କରିଥିଲେ। ମାତ୍ର ୫ ମିନିଟ ପରେ, ପର୍ତ୍ତୁଗାଲର ନୁନୋ ମେଣ୍ଡେସ ଏକ ଗୋଲ ସ୍କୋର କରି ସ୍କୋର ୧-୧କୁ ସମାନ କରିଥିଲେ। ୪୫ତମ ମିନିଟରେ, ମିକେଲ ଗୋଲ ସ୍କୋର କରି ସ୍ପେନକୁ ୨-୧ରେ ଅଗ୍ରଣୀ କରାଇଥିଲେ, ଏହା ପରେ ପର୍ତ୍ତୁଗାଲ ଏକ ଗୋଲ ସ୍କୋର କରିଥିଲେ କିନ୍ତୁ ରୋନାଲ୍ଡୋ ଅଫସାଇଡ ଠିଆ ହୋଇଥିଲେ ତେଣୁ ଏହି ଗୋଲକୁ ଅବୈଧ ଘୋଷଣା କରାଯାଇଥିଲା। ତଥାପି, ୬୧ତମ ମିନିଟରେ, ରୋନାଲ୍ଡୋ ଏକ ଚମତ୍କାର ଗୋଲ ସ୍କୋର କରି ସ୍କୋର ୨-୨କୁ ସମାନ କରିଥିଲେ। ରୋନାଲ୍ଡୋଙ୍କ ଗୋଲ ପରେ, ମ୍ୟାଚ ସମୟ ଶେଷ ହେବା ପର୍ଯ୍ୟନ୍ତ କୌଣସି ଗୋଲ ହୋଇ ନ ଥିଲା। ପରେ ଅତିରିକ୍ତ ସମୟ ଦିଆଯାଇଥିଲା କିନ୍ତୁ ଏଠାରେ ମଧ୍ୟ କୌଣସି ଗୋଲ ହୋଇ ନ ଥିଲା। ଏହା ପରେ ପେନାଲ୍ଟି ସୁଟଆଉଟ ହୋଇଥିଲା। ଏଥିରେ ପର୍ତ୍ତୁଗାଲ ସ୍ପେନକୁ ୫-୩ଗୋଲରେ ପରାସ୍ତ କରିଥିଲା। ପର୍ତ୍ତୁଗାଲ ଜିତିବା ମାତ୍ରେ, ରୋନାଲ୍ଡୋ ଖୁସିରେ ଭାବପ୍ରବଣ ହୋଇଗଲେ। ସେ ପ୍ରଥମେ ଷ୍ଟାଡିୟମରେ ବସି ପଡ଼ିଲେ। ପଡ଼ିଆରେ ବସିପଡ଼ି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଥିଲେ। ପର୍ତ୍ତୁଗାଲ ଶେଷ ଗୋଲ କରି ଟାଇଟଲ ଜିତିଲା, ରୋନାଲ୍ଡୋ ଆନନ୍ଦରେ କାନ୍ଦିବାକୁ ଲାଗିଲେ। ଭାରତର ପ୍ରଶଂସକମାନେ ମଧ୍ୟ ଏହାକୁ ବିରାଟ କୋହଲିଙ୍କ ସହ ଯୋଡ଼ି ଶେୟାର କରୁଛନ୍ତି।

ଇଂଲଣ୍ଡ ଗସ୍ତ ପୂର୍ବରୁ ରିଷଭ ପନ୍ତଙ୍କ ବ୍ୟାଟିଂ ଉପରେ ପ୍ରତିବନ୍ଧକ

ନୂଆଦିଲ୍ଲୀ, ୯।୬ (ହି.ସ): ଭାରତୀୟ ଦଳ ବର୍ତ୍ତମାନ ଇଂଲଣ୍ଡରେ ହେବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ। ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଜୁନ୍ ୨୦ ତାରିଖରେ ଖେଳାଯିବାକୁ ଅଛି। ଏହା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ବେକେନହାମ (ଲଣ୍ଡନ)ରେ ଅଭ୍ୟାସ ଶିବିରରେ ଅଭ୍ୟାସରେ ବ୍ୟସ୍ତ। ଏହି ସମୟରେ ଦଳର ଉପ-ଅଧିନାୟକ ଏବଂ ଓ୍ୱିକେଟକିପର ବ୍ୟାଟସମ୍ୟାନ୍ ରିଷଭ ପନ୍ତଙ୍କୁ ନେଇ ଏକ ବଡ଼ ଖବର ଆସୁଛି। ନେଟ୍ସରେ ଅଭ୍ୟାସ ସମୟରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ପନ୍ତଙ୍କୁ ବ୍ୟାଟିଂ କରିବାରୁ ବାରଣ କରିଛନ୍ତି। ଏହା ପ୍ରଶ୍ନ ଉଠାଏ ଯେ, ଗମ୍ଭୀର ଏପରି କାହିଁକି କଲେ, କାରଣ ସାଧାରଣତଃ ସେ ନେଟ୍ସରେ ଅଭ୍ୟାସ ସମୟରେ ବ୍ୟାଟସମ୍ୟାନଙ୍କୁ ଅଟକାନ୍ତି ନାହିଁ। ରବିବାର ବେକେନହାମରେ ଯେତେବେଳେ ଟିମ୍ ଇଣ୍ଡିଆର ଅଭ୍ୟାସ ଅଧିବେଶନ ଚାଲିଥିଲା, ସେତେବେଳେ ରିଷଭ ପନ୍ତ ପ୍ରଥମେ ଥ୍ରୋଡାଉନ୍ ବୋଲରଙ୍କ ବିରୁଦ୍ଧରେ ବ୍ୟାଟିଂ ଆରମ୍ଭ କରିଥିଲେ। ସେ ପ୍ରଥମେ ତାଙ୍କ ଫୁଟୱାର୍କ ଏବଂ ଟାଇମିଂ ଉପରେ ଧ୍ୟାନ ଦେଇଥିଲେ ଏବଂ ଅଭ୍ୟାସ ସମୟରେ ଲୟରେ ଦେଖାଯାଇଥିଲେ। ଏହା ପରେ ସେ ନେଟ୍ ସେସନରେ ସ୍ପିନ୍ ବୋଲର ରବିନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର ଏବଂ କୁଲଦୀପ ଯାଦବଙ୍କ ବିରୋଧରେ ବ୍ୟାଟିଂ କରିଥିଲେ ଏବଂ ତା'ପରେ ଦ୍ରୁତ ବୋଲର ଜସପ୍ରିତ ବୁମରାହ, ପ୍ରସିଦ୍ଧ କୃଷ୍ଣ, ଅର୍ଶଦୀପ ସିଂହ ଏବଂ ମହମ୍ମଦ ସିରାଜଙ୍କ ବଲର ସମ୍ମୁଖୀନ ହୋଇଥିଲେ। ଏହି ଅଭ୍ୟାସ ସମୟରେ ପନ୍ତ ବହୁତ ଭଲ ଲୟରେ ଦେଖାଯାଉଥିଲେ। ସେ ଆତ୍ମବିଶ୍ୱାସ ଏବଂ ଧ୍ୟାନର ସହିତ ବ୍ୟାଟିଂ କରୁଥିଲେ, କିନ୍ତୁ ହଠାତ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନିଜେ ତାଙ୍କ ନେଟରେ ପହଞ୍ଚିଥିଲେ। ଗମ୍ଭୀର ପନ୍ତଙ୍କୁ ବ୍ୟାଟିଂ କରିବାରୁ ରୋକିଥିଲେ। ଗମ୍ଭୀର ପନ୍ତଙ୍କ ସହ କିଛି ସମୟ କଥା ହୋଇଥିଲେ ଏବଂ ତା'ପରେ ପୁଣି ସେଠାରେ ରହି ରିଷଭ ପନ୍ତଙ୍କ ବ୍ୟାଟିଂ ଦେଖିବା ପାଇଁ ବସିଥିଲେ। ଏହି ଘଟଣା ଟିକେ ଆଶ୍ଚର୍ଯ୍ୟଜନକ ଥିଲା, କାରଣ ସାଧାରଣତଃ ଗମ୍ଭୀର ନେଟ୍ ଅଭ୍ୟାସ ମଝିରେ କୌଣସି ବ୍ୟାଟସମ୍ୟାନଙ୍କୁ ଅଟକାନ୍ତି ନାହିଁ। ଅଭ୍ୟାସ ସମୟରେ ବ୍ୟାଟିଂ କରୁଥିବା ସମୟରେ ଏକ ବଲ୍ ରିଷଭ ପନ୍ତଙ୍କ ବାମ ହାତରେ ମଧ୍ୟ ବାଜିଲା, ଯାହା ପରେ ସେ ତୁରନ୍ତ ନେଟକୁ ବାହାରକୁ ଆସିଲେ। ଦଳର ଡାକ୍ତର ତାଙ୍କ ହାତ ଯାଞ୍ଚ କଲେ ଏବଂ ତୁରନ୍ତ ତାଙ୍କ ହାତରେ ଏକ ଆଇସ୍ ପ୍ୟାକ୍ ଲଗାଇ ବ୍ୟାଣ୍ଡେଜ୍ କଲେ। ଏହା ପରେ ପନ୍ତ ପ୍ରାୟ ଗୋଟିଏ ଘଣ୍ଟା ଅଭ୍ୟାସ କଲେ ନାହିଁ ଏବଂ ତାଙ୍କୁ ବିଶ୍ରାମ ନେବାକୁ କୁହାଯାଇଥିଲା। ପରେ ପନ୍ତ ନିଜେ କହିଥିଲେ ଯେ, ସେ ଏବେ ସୁସ୍ଥ ଅଛନ୍ତି ଏବଂ ଡାକ୍ତରମାନେ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଏହା ଏକ ଗମ୍ଭୀର ଆଘାତ ନୁହେଁ ଏବଂ ପନ୍ତ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ରିଷଭ ପନ୍ତ ଭାରତୀୟ ଟେଷ୍ଟ ଦଳର ଉପ-ଅଧିନାୟକ ହେବା ସହିତ ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି, ବିଶେଷକରି ଇଂଲଣ୍ଡ ଭଳି ଚ୍ୟାଲେଞ୍ଜିଂ ପରିସ୍ଥିତିରେ ଯେଉଁଠାରେ ପିଚରେ ଖେଳିବା ସହଜ ନୁହେଁ। ପନ୍ତ ବହୁତ ଦିନ ପରେ ଦଳକୁ ଫେରିଛନ୍ତି। ଏବେ ସମସ୍ତଙ୍କ ନଜର ତାଙ୍କ ଫିଟନେସ୍ ଏବଂ ଫର୍ମ ଉପରେ। ପନ୍ତ ପୂର୍ବରୁ ଇଂଲଣ୍ଡର ପିଚରେ ଭଲ ପ୍ରଦର୍ଶନ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ଯେ, ସେ ଜୁନ୍ ୨୦ ତାରିଖରୁ ଆରମ୍ଭ ହେବାକୁଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ପୂର୍ଣ୍ଣ ଫିଟନେସ୍ ସହିତ ଖେଳିପାରିବେ କି ନାହିଁ।

ଶାହାରୁଖ-ଭେତ୍ରିମାରନଙ୍କ ଫଟୋ ଭାଇରାଲ୍; ତାମିଲ୍ ଫିଲ୍ମ କାଷ୍ଟିଂକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୯।୬ (ହି.ସ): ଲୋକପ୍ରିୟ ତାମିଲ ଫିଲ୍ମ ମେକର୍ ଭେତ୍ରିମାରନଙ୍କ ସହ ଶାହରୁଖ ଖାନଙ୍କ ଏକ ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଯାହାକୁ ନେଇ ବଲିଉଡରେ କୋଲାବରେସନ୍ ଚର୍ଚ୍ଚା ଜୋର ଧରିଛି। ଏହି ଫଟୋରେ ଏକ ରେନି ଇଭିନିଂରେ ନିର୍ଦ୍ଦେଶକଙ୍କ ପାଖରେ ଠିଆ ହୋଇ ଶାହରୁଖ ହସୁଥିବାର ଦେଖିବାକୁ ମିଳିଛି। ଫଟୋଟି ମୁମ୍ବାଇରେ ଉଠାଯାଇଥିବା କୁହାଯାଉଛି। ଝଜକ ଭେତ୍ରିମାରନଙ୍କ ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର 'ଅସୁରନ'ର ହିନ୍ଦୀ ରିମେକରେ ଅଭିନୟ କରିବା ପାଇଁ ଆଲୋଚନା କରୁଛନ୍ତି ବୋଲି ଏହି ଫଟୋରୁ ଚର୍ଚ୍ଚା ଜୋର ଧରିଛି। ତାମିଲ ପତ୍ରିକା 'ଭିକାଟନ' ସହିତ ଏକ ସାକ୍ଷାତକାରରେ ଭେତ୍ରିମାରନ ସ୍ପଷ୍ଟ କରିଥିଲେ ଯେ, ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା, ଯାହା ଦୁଇ ଘଣ୍ଟା ଧରି ଚାଲିଥିଲା। ଆମେ 'ଅସୁରନ' ସମେତ ଆହୁରି ଅନେକ ବିଷୟରେ ଆଲୋଚନା କରିଥିଲୁ, କିନ୍ତୁ ଏହାର ରିମେକ୍ ବିଷୟରେ ଆମେ କୌଣସି ଆଲୋଚନା କରିନାହୁଁ। ଭେତ୍ରିମାରନ ତାଙ୍କର କଠିନ ପରିଶ୍ରମ ଏବଂ ସାମାଜିକ ସଚେତନତା ଥିବା ଚଳଚ୍ଚିତ୍ର ଯେପରିକି ବାଦା ଚେନ୍ନାଇ, ଆଦୁକାଲମ୍ ଏବଂ ଅସୁରନ୍ ପାଇଁ ଜଣାଶୁଣା। ଏଥିମଧ୍ୟରୁ ଅନେକ ଫିଲ୍ମରେ ଲୋକପ୍ରିୟ ଅଭିନେତା ଧନୁଶ ଅଭିନୟ କରିଥିଲେ। ଭେତ୍ରିମାରନ ତାଙ୍କର ଷ୍ଟୋରୀ ଟେଲିଂ ଏବଂ ସ୍କ୍ରିନ୍ ପ୍ଲେ ଦକ୍ଷତା ପାଇଁ ଦୀର୍ଘ ଦିନ ଧରି ପ୍ରଶଂସିତ ହୋଇଆସୁଛନ୍ତି। ତାଙ୍କର ଶେଷ ଫିଲ୍ମ ବିଦୁଥଲାଇ ପାର୍ଟ ୨ ଥିଲା। ସେ ବିଜୟ ସେଥୁପଥିଙ୍କ ଭଳି ଅଭିନେତାଙ୍କ ସହିତ ମଧ୍ୟ କାମ କରିଛନ୍ତି। ଶାହରୁଖ ଖାନଙ୍କ ସହ ତାଙ୍କ ବନ୍ଧୁତା ଯବାନର ପ୍ରମୋସନ ସମୟରେ ବହୁଳ ଭାବରେ ଦେଖାଯାଇଥିଲା। ଏହି ସାକ୍ଷାତକାରରେ, ଭେତ୍ରିମାରନ ତାଙ୍କର ଆଗକୁ ଆସୁଥିବା ପ୍ରୋଜେକ୍ଟଗୁଡ଼ିକ ବିଷୟରେ ଅପଡେଟ୍ ସେୟାର କରିଥିଲେ। ସେ କହିଥିଲେ ଯେ, ସେ ରଜନୀକାନ୍ତ, ବିଜୟ ଏବଂ ସୁରିଆଙ୍କ ସମେତ ପ୍ରମୁଖ ତାମିଲ ଷ୍ଟାରମାନଙ୍କୁ ନେଇ ସ୍କ୍ରିପ୍ଟ ପ୍ରସ୍ତୁତ କରିଛନ୍ତି ଏବଂ ସହଯୋଗ ପାଇଁ ଅଜିତଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପକ୍ଷରେ, ଶାହରୁଖ ତାଙ୍କ ଆହ୍ୱନ ଫିଲ୍ମ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମରେ ସେ ତାଙ୍କ ଝିଅ ସୁହାନା ଖାନଙ୍କ ସହ ସ୍କ୍ରିନ୍ ସ୍ପେସ୍ ସେୟାର କରିବେ। ସୁହାନା ଖାନ 'ଦି ଆର୍ଚିଜ୍'ରେ ଡେବ୍ୟୁ କରିଥିଲେ, କିନ୍ତୁ ଏହି ଫିଲ୍ମ ତାଙ୍କର ପ୍ରଥମ ଥିଏଟର ରିଲିଜ୍ ହେବ। ଝଜକଙ୍କ ପାଖରେ ସ୍ପାଏ, ପଠାନ-୨ ଭଳି ଫିଲ୍ମ ମଧ୍ୟ ଅଛି, ଯେଉଁଥିରେ ସେ ପୁଣି ଥରେ ଦୀପିକା ପାଦୁକୋନଙ୍କ ସହ ସାମ୍ନାକୁ ଆସିବେ ବୋଲି ଚର୍ଚ୍ଚା ହେଉଛି।

ହାଉସଫୁଲ-୫ର ଆୟ ଉପରେ ଅକ୍ଷୟ କୁମାରଙ୍କ ପ୍ରତିକ୍ରିୟା

ମୁମ୍ବାଇ, ୯।୬ (ହି.ସ): ଅକ୍ଷୟ କୁମାର ଆଜିକାଲି ଶିରୋନାମାରେ ଅଛନ୍ତି। ତାଙ୍କର କମେଡି ଫିଲ୍ମ ହାଉସଫୁଲ-୫ ବକ୍ସ ଅଫିସରେ ଧମାକା କରୁଛି। ଫିଲ୍ମଟି ମାତ୍ର ତିନି ଦିନରେ ୮୭ କୋଟି ରୋଜଗାର କରିଛି। କିଛି ସମୟ ଧରି ଅକ୍ଷୟ କୁମାରଙ୍କ ଫିଲ୍ମଗୁଡ଼ିକ ଫ୍ଲପ୍ ହେଉଥିଲା। ଏବେ ହାଉସଫୁଲ-୫ ଭଲ କଲେକ୍ସନ କରିବାରୁ ଅକ୍ଷୟ ବହୁତ ଖୁସି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି। ଅକ୍ଷୟ କୁମାର ୧୫ ବର୍ଷ ଧରି ହାଉସଫୁଲ ଫ୍ରାଞ୍ଚାଇଜର ଅଂଶ ଅଛନ୍ତି। ଏହା ଏହି ଫ୍ରାଞ୍ଚାଇଜର ପଞ୍ଚମ ଫିଲ୍ମ। ପାଞ୍ଚଟି ଫିଲ୍ମ ଭଲ କଲେକ୍ସନ କରିଛି। ପ୍ରତ୍ୟେକ ଫିଲ୍ମରେ ଏକ ଭିନ୍ନ କାହାଣୀ ଦେଖିବାକୁ ମିଳିଛି ଯାହା ଲୋକଙ୍କୁ ବହୁତ ହସାଇଥାଏ। ଏଥର ହାଉସଫୁଲ-୫ରେ ମର୍ଡର ମିଷ୍ଟ୍ରି ସହିତ କମେଡି ଯୋଡାଯାଉଛି। ଅକ୍ଷୟ କୁମାର ଫିଲ୍ମର ରୋଜଗାର ଉପରେ ପ୍ରତିକ୍ରିୟା ଦେଇଛନ୍ତି। ତେବେ ଅକ୍ଷୟ କୁମାର ଏକ ଭିଡିଓ ସେୟାର କରିଛନ୍ତି। ଯେଉଁଥିରେ ତାଙ୍କ ପାଞ୍ଚଟି ଫିଲ୍ମର ଛୋଟ କ୍ଲିପ୍ ଦେଖାଯାଇଛି। ଅକ୍ଷୟ ଲେଖିଛନ୍ତି, '୧୫ ବର୍ଷର କମେଡି, ଦ୍ୱନ୍ଦ୍ୱ ଏବଂ ବିଶୃଙ୍ଖଳା ଏବଂ ଏହି ସପ୍ତାହାନ୍ତରେ ଆପଣ ଆମକୁ ମନେ ପକାଇ ଦେଇଛନ୍ତି ଯେ, ଆମେ ଏହା କାହିଁକି କରୁ। ଏହି ମାଇଲଖୁଣ୍ଟକୁ ହୃଦୟର ସହିତ ଏବଂ ଏକ ହାଉସଫୁଲ୍ ଶୋ ସହିତ ପାଳନ କରୁଛୁ। ଆପଣଙ୍କ ନିକଟସ୍